## ଆଜିର ଇତିହାସ

- ୧୭୮୨-ପ୍ରଥମ ଆମେରିକୀୟ ବାଣିଜ୍ୟିକ ବ୍ୟାଙ୍କ 'ବ୍ୟାଙ୍କ ଅଫ୍ ନର୍ଥ ଆମେରିକା'ର ଆରମ୍ଭ।
- ୧୯୪୭- ଲେଖିକା ଶୋଭା ଦେ'ଙ୍କ ଜନ୍ମ।
- ୧୯୯୯-ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଲା।
- ୨୦୧୪- ଶେଖ୍ ହସିନା ବାଂଲାଦେଶରେ ସାଧାରଣ ନିର୍ବାଚନ ଜିତିଲେ।
- ୨୦୧୫- ପ୍ୟାରିସ୍‌ରେ ଦୁଇଜଣ ବନ୍ଧୁକଧାରୀ 'ଚାର୍ଲି ଆବ୍‌ଡୋ' ପତ୍ରିକାର କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ। ଏଥିରେ ୧୨ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା।

## ଅନନ୍ୟ ପରିବାର
# ସଉକରେ ପାଳନ୍ତି ମହୁମାଛି

ସାଧାରଣତଃ ଲୋକେ ଘରେ କୁକୁର, ବିଲେଇ ପାରା ଆଦି ପାଳିଥାନ୍ତି। କିଛି ଜଣଙ୍କର ବିଲେଇ ଓ କୁକୁର ପାଳିବା ସଉକ ରହିଥାଏ ମଧ୍ୟ। ହେଲେ କେହି କେବେ ଘରେ ମହୁମାଛି ପାଳିଥିବା ଶୁଣି ନ ଥିବେ। ଏମିତି ଦୁଃସାହସିକ କାମ କରିଦେଖାଉଛନ୍ତି ଉତ୍ତରାଖଣ୍ଡ ନୈନିତାଲ ଜିଲ୍ଲା, ରାମନଗରର ପ୍ରସିଦ୍ଧ ହନୁମାନ ଧାମ ନିକଟରେ ରହୁଥିବା ଦାନୀ ପରିବାର। ଏହି ପରିବାରର ଲୋକମାନେ ମହୁ ପାଇବା ଆଶାରେ ମହୁମାଛି ପାଳୁଛନ୍ତି ତାହା ନୁହେଁ, ମହୁମାଛି ପାଳିବା ଏମାନଙ୍କର ସଉକ। ସାଧାରଣତଃ ଗାଁ ଗହଳିରେ ବଡ଼ ବଡ଼ ଗଛମାନଙ୍କରେ ମହୁମାଛି ବସା କରିଥାନ୍ତି। ହେଲେ କୌଣସି କାରଣରୁ ମହୁଫେଣା ଭାଙ୍ଗିଗଲେ ମହୁମାଛିଗୁଡ଼ିକ ମଣିଷକୁ ଆକ୍ରମଣ କରିଥାନ୍ତି। ଏହାଜାଣି ମଧ୍ୟ ୬୫ ବର୍ଷୀୟ ହରଗୋବିନ୍ଦ ଦାନୀ ଓ ତାଙ୍କ ପରିବାର ଲୋକ ଦୀର୍ଘ ୧୨ ବର୍ଷ ଧରି ମହୁମାଛି ପାଳନ କରିଆସୁଛନ୍ତି। ଛୋଟ ପିଲା ପରି ପରିବାରର ପ୍ରତ୍ୟେକ ସଦସ୍ୟ ମହୁମାଛିକୁ ଭଲପାଆନ୍ତି, ଆଦର କରନ୍ତି। ସମାନ ଢଙ୍ଗରେ ମହୁମାଛିମାନେ ଦାନୀ ପରିବାରକୁ ଏପରି ଭଲ ପାଇଯାଇଛନ୍ତି ଯେ, କେବେ କାହାକୁ ଆଘାତ ଦେଇ ନାହାଁନ୍ତି। ପରିବାରରେ ଛୋଟ ଛୋଟ ପିଲାମାନେ ମହୁମାଛିକୁ ହାତରେ ଧରି ଉଡ଼ାଇବା ସହ ସେମାନଙ୍କ ସହ ଖେଳିଥାନ୍ତି। ମହୁମାଛି ପିଲାଙ୍କ ଉପରେ ବସିଲେ ବି ସେମାନଙ୍କର କୌଣସି କ୍ଷତି କରନ୍ତି ନାହିଁ। ହେଲେ କେହି ବାହାର ଲୋକ ଯଦି ହରଗୋବିନ୍ଦଙ୍କ ଘରକୁ ଆସି ମହୁମାଛିଙ୍କ ସହ ଲାଗନ୍ତି, ତା'ହେଲେ ମହୁମାଛିମାନେ ସେମାନଙ୍କୁ ଆକ୍ରମଣ କରନ୍ତି। ହରଗୋବିନ୍ଦଙ୍କ କହିବାନୁସାରେ, ୧୨ ବର୍ଷ ପୂର୍ବରୁ ୪ରୁ ୫ଟି ମହୁମାଛି ଆପେ ଆପେ ତାଙ୍କ ଘରକୁ ଆସିଥିଲେ। ମହୁମାଛି ରହିବାକୁ ସେ ପେଟି ବନ୍ଦୋବସ୍ତ କରିଥିଲେ, ସେବେଠୁ ଏଯାବତ୍ ତାଙ୍କ ରୋଷେଇ ଘର ଉପରେ ହଜାର ସଂଖ୍ୟାରେ ମହୁମାଛି ରହୁଛନ୍ତି। ସେ ଯେତେବେଳେ ଘରୁ ବାହାରକୁ ଯାଆନ୍ତି, ମହୁମାଛି ତାଙ୍କ ପଛେ ପଛେ ଯାଆନ୍ତି। ତେଣୁ ମହୁମାଛିଙ୍କୁ ଖାଦ୍ୟ ଯୋଗାଇବାକୁ ହରଗୋବିନ୍ଦ ମଧ୍ୟ ନିଜ ବଗିଚାରେ ଅଧିକ ସଂଖ୍ୟକ ଫୁଲଗଛ ଲଗାଇଛନ୍ତି। ହରଗୋବିନ୍ଦଙ୍କ ପରିବାର କେବେ ବି ମହୁମାଛିରୁ ମହୁ ସଂଗ୍ରହ କରନ୍ତିନି। ହରଗୋବିନ୍ଦଙ୍କ ପୁଅ ପ୍ରକାଶ ଚନ୍ଦ୍ର କୁହନ୍ତି, ଏହି ମହୁମାଛିମାନେ ପରିବାର ଲୋକଙ୍କ କିଛି କ୍ଷତି କରନ୍ତିନି। ଘରେ କେହି ନ ଥିଲେ ଏମାନେ ଘରକୁ ଜଗନ୍ତି। କେବଳ ସେତିକି ନୁହେଁ, ମହୁ ଚୋରାଇବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କୁ ମହୁମାଛି ଉଚିତ ଦଣ୍ଡ ଦେଇଥାନ୍ତି ବୋଲି କୁହନ୍ତି ପ୍ରକାଶ। ତେବେ ରାମନଗର ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନର ସହକାରୀ ପ୍ରଫେସର ଡା. ଶଙ୍କର ମଣ୍ଡଳଙ୍କ କହିବା ଅନୁସାରେ, ପ୍ରତ୍ୟେକ ଲୋକଙ୍କ ଶରୀରର ଭିନ୍ନ ଗନ୍ଧ ରହିଥାଏ। ତେଣୁ ଦାନୀ ପରିବାରରେ ରହୁଥିବା ମହୁମାଛିମାନେ ଏହି ପରିବାର ଲୋକଙ୍କ ଗନ୍ଧକୁ ବେଶ୍ ଭଲ ଭାବେ ଚିହ୍ନି ଯାଇଛନ୍ତି। ସେମାନଙ୍କ ଗନ୍ଧରେ ମହୁମାଛିମାନେ କୌଣସି ବିପଦ ଅନୁଭବ କରନ୍ତିନି। ଖାସ୍ ଏହି କାରଣରୁ ପରିବାର ସଦସ୍ୟଙ୍କୁ ମହୁମାଛିମାନେ କାମୁଡ଼ୁ ନାହାନ୍ତି।





# 'ଧୁରନ୍ଧର' ସେଟ୍‌ରୁ ଫଟୋ ଲିକ୍

ବଲିଉଡ୍ ଅଭିନେତା ରଣବୀର ସିଂହ ତାଙ୍କ ଆଗାମୀ ଫିଲ୍ମ 'ଧୁରନ୍ଧର'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ଏହି ଫିଲ୍ମର ସୁଟିଂ ସେଟ୍‌ରୁ କିଛି ଫଟୋ ଲିକ୍ ହୋଇଛି। ସାମାଜିକ ଗଣମାଧ୍ୟମରେ ଏହି ଫଟୋଗୁଡ଼ିକ ବେଶ୍ ଭାଇରାଲ ହେଉଛି। ରଣବୀରଙ୍କ ଏହି ଲୁକ୍ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହାପୂର୍ବରୁ ଅନ୍ୟ କୌଣସି ଫିଲ୍ମରେ ରଣବୀରଙ୍କୁ ଏପରି ବେଶଭୂଷାରେ ଦେଖାଯାଇ ନାହିଁ। ତେବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଗୋଟିଏ ଫଟୋରେ ରଣବୀର ମୁଣ୍ଡରେ ପଗଡ଼ି ବାନ୍ଧି ସୁଟ୍‌ବୁଟ୍‌ରେ ନଜର ଆସିଛନ୍ତି। ତାଙ୍କ ମୁହଁରେ ଆଘାତ ଚିହ୍ନ ମଧ୍ୟ ରହିଛି। ସେହିଭଳି ଅନ୍ୟ ଏକ ଫଟୋରେ ସେ ଲମ୍ବା ଦାଢ଼ି ଓ କେଶ ରଖିବା ସହ କୁର୍ତ୍ତା ପାଇଜାମା ପିନ୍ଧିଛନ୍ତି। ତେବେ କିଛି ଦର୍ଶକ ରଣବୀର 'ଆନିମଲ'ର ସିନ୍ ଓ ଲୁକ୍‌କୁ କପି କରିଥିବା କଥା କହିଛନ୍ତି। ସେହିଭଳି ଆଉ କିଛି ଜଣ ରଣବୀର 'ଲାଲ୍ ସିଂହ ଚଡ୍ଡା'ର ଅମିର୍ ଖାନ୍‌ଙ୍କ ଲୁକ୍‌କୁ କପି କରିଥିବା କଥା କୁହାଯାଉଛି। 'ଧୁରନ୍ଧର'ରେ ରଣବୀର ଜଣେ 'ର' ଏଜେଣ୍ଟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମରେ ରଣବୀରଙ୍କ ସହ ଅକ୍ଷୟ ଖାନ୍ନା, ଆର୍. ମାଧବନ୍, ଅର୍ଜୁନ୍ ରାମପାଲ, ସଞ୍ଜୟ ଦତ୍ତ ଲିଡ୍ ରୋଲରେ ନଜର ଆସିବେ।



# ଅନ୍ତିମ ବିଦାୟବେଳେ ମନୋରଞ୍ଜନ କାର୍ଯ୍ୟକ୍ରମ



ସାଧାରଣତଃ ପରିବାରରେ କେହି ଜଣେ ଚାଲିଗଲେ, ଘରେ ପୂରା ଶୋକାକୁଳ ପରିବେଶ ଛାଇଯାଏ। କାନ୍ଦବୋବାଳି ପଡ଼ିଯାଏ। ହେଲେ ତାମିଲନାଡୁର ମଦୁରାଇ, ଉସିଲାମପଟ୍ଟିସ୍ଥିତ ଏକ ମନ୍ଦିରର ପୂଜକ ପରମଥଦେବରଙ୍କ ୯୬ ବର୍ଷୀୟା ପତ୍ନୀ ନାଗମ୍ମାଲଙ୍କ ମୃତ୍ୟୁରେ ତାଙ୍କ ପରିବାର ପକ୍ଷରୁ ଏମିତି କିଛି କରାଯାଇଥିଲା, ଯାହା ଏବେ ସମସ୍ତଙ୍କୁ ଚକିତ କରିଛି। ବୟସାଧିକ କାରଣରୁ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ନାଗମ୍ମଲ ତାଙ୍କ ଶେଷକୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୁଃଖ ନ କରି ଆନନ୍ଦର ସହ ନାଚଗୀତ କରିବାକୁ କହିଥିଲେ। ନାଗମ୍ମଲଙ୍କ ସ୍ୱାମୀଙ୍କର ପୂର୍ବରୁ ମୃତ୍ୟୁ ହୋଇଥିବାବେଳେ ଏବେ ତାଙ୍କର ଦୁଇ ପୁଅ, ଚାରି ଝିଅ, ୭୮ ନାତିନାତୁଣୀ ଅଛନ୍ତି। ସେହିଭଳି ନାଗମ୍ମଲଙ୍କ ଅନ୍ତିମ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କ ପରିବାର ଲୋକଙ୍କ ପକ୍ଷରୁ ନାଚଗୀତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ପରିବାର ସଦସ୍ୟଙ୍କ ସହ ଗ୍ରାମବାସୀମାନେ ମଧ୍ୟ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ଗାଁର କେତେକ ପିଲାଙ୍କ ସହ ନାତି ନାତୁଣୀମାନେ ଲୋକକଳା ପ୍ରଦର୍ଶନ କରିବା ସହ ମହିଳାମାନେ ତାମିଲନାଡୁର ଲୋକପ୍ରିୟ ଲୋକନୃତ୍ୟ କୁମି ପ୍ରଦର୍ଶନ କରିଥିଲେ। ଗାଁର ଅନ୍ତିମ ସଂସ୍କାର କାର୍ଯ୍ୟଟି ଏକ ମେଳାରେ ପରିଣତ ହୋଇଥିଲା। ନାଗମଲ୍ଲଙ୍କ ଶବ ଚାରିପଟେ ମହିଳାମାନେ ହସିହସି ନୃତ୍ୟ କରୁଥିବାର ଦେଖାଯାଇଥିଲା। ତାଙ୍କ ନାତି ନାତୁଣୀ ଓ ଅଣନାତି ନାତୁଣୀ ପାରମ୍ପରିକ ଗୀତ ବୋଲିବା ସହ ତାଙ୍କ ଅନ୍ତିମ ବିଦାୟ ବେଳକୁ ଉତ୍ସବ ଭଳି ପାଳିଥିଲେ।

# ସାତ ଦିନରେ ତିଆରିଲେ ମିନି ଡିଜେ

ଉତ୍ତର ପ୍ରଦେଶର ବହରାଇଚ ଜନପଦର ଗୁଲାମ ଅଲୀପୁରାରେ ରହୁଥିବା ଦୁଇ ଜଣ ଯୁବକ ୟୁଟ୍ୟୁବ୍ ଭିଡିଓ ଦେଖି ମିନି ଡିଜେ ତିଆରି କରିଛନ୍ତି। ଯାହାକି ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହି ଡିଜେରେ ଲାଇଟ୍, ମିକ୍ସର ଏବଂ ଅନ୍ୟାନ୍ୟ ସୁବିଧା ଅଛି। ତେବେ ଏହାକୁ ତିଆରି କରିବା ପାଇଁ ସେମାନଙ୍କୁ ପାଞ୍ଚ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। କେବଳ ସେତିକି ନୁହେଁ, ସାତ ଦିନରେ ସେମାନେ ଏହି ଡିଜେକୁ ତିଆରି କରିବାରେ ସଫଳତା ଲାଭ କରିଛନ୍ତି। ତାଙ୍କର ଏହି ଉପଲବ୍ଧି ଏବେ ଚାରିଆଡ଼େ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ତେବେ ନବମ ଶ୍ରେଣୀରେ ପଢୁଥିବା ବଂଶ ଗୁପ୍ତା ଏବଂ ସପ୍ତମ ଶ୍ରେଣୀର ପୁନିତ ରାଠୋର ଡିଜେରେ ବ୍ୟବହାର ହେବାକୁ ଥିବା ଉପକରଣକୁ ପ୍ରଥମେ ଏକତ୍ର କରିଥିଲେ। ଉପକରଣ ସଂଗ୍ରହ ପାଇଁ ସେମାନଙ୍କୁ ମାସେ ଲାଗିଥିଲା। ଏହାପରେ ଦୁହେଁ ଏହାକୁ ମିଶି ସପ୍ତାହକରେ ତିଆରି କରିବାରେ ସଫଳ ହେଲେ। ସେହିପରି ସେମାନଙ୍କ ଦ୍ୱାରା ତିଆରି ଏହି ମିନି ଡିଜେ କୌଣସି ହୋମ ଥିଏଟର ଠାରୁ କମ୍ ନୁହେଁ ବୋଲି କୁହାଯାଉଛି। ଏହାକୁ ଉପଯୋଗ କରାଯାଇ ଛୋଟ ମୋଟ ପାର୍ଟି ଫଙ୍କସନର ମଜା ଉଠାଇ ହେବ। କେବଳ ସେତିକି ନୁହେଁ, ଏହାକୁ ହାତରେ ଉଠାଇ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ନେଇପାରିବେ। ଅବଶ୍ୟ ସୁବିଧାକୁ ଦୃଷ୍ଟିରେ ରଖି ଉକ୍ତ ଡିଜେରେ ଛୋଟ ଛୋଟ ଚକକୁ ମଧ୍ୟ ଖଞ୍ଜା ଯାଇଛି।



# ନିଆରା ସ୍କୁଲ, ଜାଣନ୍ତୁ କ'ଣ ଏହା...



ସାଧାରଣତଃ ସ୍କୁଲରେ ପିଲାଙ୍କୁ ବହି ଖାତା ମାଧ୍ୟମରେ ପାଠ ପଢ଼ାଯାଏ। ହୋମ୍‌ୱାର୍କ ମଧ୍ୟ ଦିଆଯାଏ। ଏହି କ୍ରମରେ ଏମିତି ବି ଗୋଟିଏ ସ୍କୁଲ ଅଛି, ଯେଉଁଠି ପିଲାଙ୍କ ପାଇଁ ହୋମୱାର୍କ, ନୋଟ୍‌ବୁକ୍ ନାହିଁ। ଏପରିକି ଛାତ୍ରଛାତ୍ରୀଙ୍କୁ ଫିଲ୍ମ ଦେଖାଯାଇ ପାଠପଢ଼ା ଯାଏ। କୋଲକତାରୁ ୨୦୦ କିଲୋମିଟର ଦୂରରେ ଅଛି 'ଦ ଲେବଲ୍ ଫିଲ୍ମ ସ୍କୁଲ।' ଏହି ବିଦ୍ୟାଳୟ ହୁସନାବାଦ ଗାଁରେ ଅଛି। ତେବେ ଏ ସ୍କୁଲର ନିଆରା ଶିକ୍ଷାଦାନ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହି ସ୍କୁଲରେ ପିଲାଙ୍କୁ ବହି ଦେଖି ପଢ଼ାଯାଏ ନାହିଁ, ବରଂ ଫିଲ୍ମ ଦେଖି ପାଠ ପଢ଼ାଯାଏ। ଏହି ସ୍ୱତନ୍ତ୍ର ସ୍କୁଲର ପିଲା ଟ୍ୟୁସନ୍‌ରେ ମଧ୍ୟ ପାଠ ପଢ଼ି ନ ଥାନ୍ତି। ତେବେ ଏହି ସ୍କୁଲକୁ ପିଲା ବ୍ୟାଗ୍ କିମ୍ବା ନୋଟ୍‌ବୁକ୍ ଆଣି ନ ଥାନ୍ତି। ପିଲାଙ୍କ ଉତ୍ତମ ଓ ଉନ୍ନତ ଭବିଷ୍ୟତ ଉପରେ ଏହି ସ୍କୁଲ ଗୁରୁତ୍ୱ ଦେଇଥାଏ। ଉକ୍ତ ସ୍କୁଲରେ ବିଦ୍ୟାର୍ଥୀଙ୍କ ସହିତ ଆଲୋଚନା ମାଧ୍ୟମରେ ହିଁ ପୂରା ସିଲାବସ୍ ଶେଷ କରାଯାଏ। ଏହାବାଦ୍ ଅଧିକାଂଶ ପଢ଼ା ଟେକ୍ନୋଲୋଜି ଦ୍ୱାରା ହୋଇଥାଏ। କେବଳ ସେତିକି ନୁହେଁ, ସ୍କୁଲରେ କଳାପଟା ସ୍ଥାନରେ ପ୍ରୋଜେକ୍ଟର ଅଛି। କମ୍ପ୍ୟୁଟର ମାଧ୍ୟମରେ ଗଣିତ ଏବଂ ରିଜନିଂ ଶିକ୍ଷା ଦିଆଯାଏ। ପିଲାଙ୍କ ଇଂରାଜୀ ଜ୍ଞାନ କିଭଳି ଉନ୍ନତମାନର ହେବ ଏବଂ ଅନ୍ୟ ଦେଶର ସଂସ୍କୃତି ଉପରେ ଶିକ୍ଷା ପ୍ରଦାନ କରାଯିବ, ତା' ଉପରେ ବି ଗୁରୁତ୍ୱ ଦିଆଯାଏ। ସେହିପରି ପିଲାମାନେ ସ୍କୁଲରେ ଆଜି କ'ଣ ଶିଖିଲେ, ସେମାନଙ୍କୁ ୧୫୦ ଶବ୍ଦରେ କହିବାକୁ ହୋଇଥାଏ। ଏହି ସ୍କୁଲରେ ପିଲାଙ୍କ ପାଟି କମ୍ ଶୁଣାଯାଏ। କାରଣ ଏହା ପୂରା ସାଇଲେନ୍ସ ଜୋନ୍‌ରେ ଅଛି। ସ୍କୁଲରେ ବିଦ୍ୟାର୍ଥୀ ଓ ଶିକ୍ଷକ ଶ୍ରେଣୀଗୃହ ଏବଂ ଡାଇନିଂ ରୁମ୍ ବ୍ୟତୀତ ଅନ୍ୟ କେଉଁଠି କଥାବାର୍ତ୍ତା କରି ନ ଥାନ୍ତି। ସାଇଲେନ୍ସ ଜୋନ୍ ଉପରେ ସ୍କୁଲ ଏମିତି ଧ୍ୟାନ ଦିଏ ଯେ, ସ୍କୁଲ ଘଣ୍ଟି ମଧ୍ୟ ବାଜେ ନାହିଁ। କ୍ଲାସ୍ ସମୟ ପୂରା ହେଲେ ସ୍କୁଲର କୌଣସି ସଦସ୍ୟ ଶିକ୍ଷକଙ୍କୁ ଏହି ସୂଚନା ପ୍ରଦାନ କରିଥାନ୍ତି।

# ସ୍ୱାସ୍ଥ୍ୟ ପାଇଁ ମାରାତ୍ମକ ୧୦ ମିନିଟ୍‌ର ଖାଦ୍ୟ ଡେଲିଭରି ଆପ୍

ଆଜିର ସମୟରେ ଅନେକ ଫୁଡ୍ ଡେଲିଭରି କମ୍ପାନି ଲୋକଙ୍କୁ ୧୦ ମିନିଟ୍‌ରେ ଘରେ ଖାଦ୍ୟ ପହଞ୍ଚାଇବା ଦାବି କରୁଛନ୍ତି। ତେବେ ଏହି ଅଲଟ୍ରା ଫାଷ୍ଟ ସର୍ଭିସ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ, ସେ କଥା କେହି କେବେ ଭାବି ନ ଥିବେ। ତେବେ ଖାଦ୍ୟ ଡେଲିଭରିର ଏହି ଦ୍ରୁତ ସେବାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ୧୦ ମିନିଟ୍‌ର ଖାଦ୍ୟ ଡେଲିଭରିର ଏହି ନୂଆ ଟ୍ରେଣ୍ଡ ସ୍ୱାସ୍ଥ୍ୟ ପାଇଁ ମାରାତ୍ମକ ପଦକ୍ଷେପ ହୋଇପାରେ। ଯଦିଓ ଏହା ଲୋକଙ୍କ ସୁବିଧା ସୃଷ୍ଟି କରୁଛି, ତଥାପି ଏହାଠୁ ଲୋକେ ଦୂରେଇ ରହିବା ସହ ଏହାକୁ ନେଇ ନିଜକୁ ପ୍ରଶ୍ନ କରିବା ଦରକାର ଯେ, ଖାଦ୍ୟ ୧୦ ମିନିଟ୍‌ରେ କେମିତି ପହଞ୍ଚୁଛି? ଯଦି ଖାଦ୍ୟକୁ ୧୦ ମିନିଟ୍‌ରେ ପହଞ୍ଚାଯାଉଛି, ତେବେ ଏହାକୁ ତିନି ମିନିଟ୍ ନଚେତ ଏହାଠୁ କମ୍ ସମୟରେ ରାନ୍ଧିବାକୁ ହେବ। ଅବଶ୍ୟ ଏଭଳି ଖାଦ୍ୟ ଅଲଟ୍ରା ପ୍ରୋସେସଡ୍ ଏବଂ ରେଡି ଟୁ ଇଟ୍ ମିଲ୍‌ରେ ହିଁ ହାସଲ କରିପାରିବେ। ସେହିପରି ଅଲଟ୍ରା ପ୍ରୋସେସଡ୍ ଫୁଡ୍‌କୁ ନେଇ ଯେଉଁ ଗବେଷଣା କରାଯାଇଛି, ସେଥିରୁ ଜଣାପଡ଼ିଛି ଯେ, ଏହା କର୍କଟ ଆଶଙ୍କାକୁ ୧୨ ପ୍ରତିଶତ ଏବଂ କାର୍ଡିଓଭସ୍କୁଲାର ରୋଗର ଆଶଙ୍କାକୁ ୧୦ ପ୍ରତିଶତ ବୃଦ୍ଧି କରାଏ। ଏପରିକି ଏହା ମେଦବହୁଳତାର ବି ଅନ୍ୟତମ କାରଣ। ତା'ସହ ଏହା ଯୋଗୁଁ ମଧୁମେହ ଆଶଙ୍କା ମଧ୍ୟ ବଢ଼ିଥାଏ। ସେହିପରି ଏଥିରେ ବହୁ ପରିମାଣର ଟ୍ରାନ୍ସ ଫ୍ୟାଟ୍ ଥିବାରୁ ଏହା ହୃଦ୍‌ରୋଗର ମଧ୍ୟ କାରଣ ସାଜିଥାଏ। ଯଦି ଜଣେ ଘର ଖାଦ୍ୟ ପ୍ରସ୍ତୁତ କରି ଖାଇ ପାରୁ ନାହାନ୍ତି, ଅର୍ଡର କରି ଖାଇବାର ଅଛି, ତେବେ ତାଜା ଖାଦ୍ୟ ଖାଇବା ପାଇଁ ଅପେକ୍ଷା କରିବା ଉଚିତ। ସ୍ୱାସ୍ଥ୍ୟ ସହିତ କୌଣସି ପ୍ରକାର ବୁଝାମଣା କିମ୍ବା ଅବହେଳା କରିବା ଅନୁଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଅଲଟ୍ରା ପ୍ରୋସେସଡ୍ ବର୍ଜ୍ୟକୁ ୧୦ ମିନିଟ୍‌ରେ ଡେଲିଭରି କରାଯାଉ, କୌଣସି ଲୋକ ଚାହିଁବେ ନାହିଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ ହୋଇପାରେ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ସେୟାର ବଜାରରେ ନିବେଶ କରିବେ। ଅଯଥା ଖର୍ଚ୍ଚ କରନ୍ତୁନି।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଯାନବାହନ କ୍ରୟ କରିପାରନ୍ତି।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ଦିନଟି ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ମାପିଚୁପି କଥା କୁହନ୍ତୁ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିପାରେ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଯୋଜନା ମୁତାବକ କାମ କରନ୍ତୁ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଯାନବାହନ ଓ ଜମି କିଣିବାର ଯୋଗ ଅଛି। କୌଣସି ନୂଆ କାମ ମିଳିପାରେ। ନିବେଶ ପାଇଁ ଭଲ ସମୟ। ଅଫିସ୍ କାମ ପାଇଁ ପ୍ରଶଂସିତ ହେବେ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବିବାହ ସ୍ଥିର ହେବ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ।

# ମଣ୍ଡଳ ବିଦେଶୀ ମଦ ଦୋକାନକୁ ଅହେତୁକ ଅନୁକମ୍ପା

**କଲମପୁର, ୬ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଅବକାରୀ ନୀରିକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ରହିଥିବା ବିଦେଶୀ ମଦ ଦୋକାନଙ୍କ ମଧ୍ୟରୁ କଲମପୁର ଅଞ୍ଚଳରେ ୪ଟି ବିଦେଶୀ ମଦ ଦୋକାନ ଓ ୨ଟି ଦେଶୀ ରନ୍ଧା ମଦଭାଟି ରହିଛି। ସେଥି ମଧ୍ୟରେ ମଣ୍ଡଳରେ ଅବସ୍ଥାପିତ ଠିପି ଖୋଲା ବିଦେଶୀ ମଦ ଦୋକାନ ଅନ୍ୟତମ। ଏହି ମଦ ଦୋକାନ ନାମରେ ଦୀର୍ଘ ଦିନ ହେବ ବିଭିନ୍ନ ପ୍ରକାରର ଅନିୟମିତତା ଅଭିଯୋଗ ହୋଇ ଆସୁଛି।

**ନିୟମର ଖୋଲା ଉଲ୍ଲଂଘନ ଅଭିଯୋଗ**

ଖାଉଟିଙ୍କ ଅଭିଯୋଗ ଅନୁସାରେ ଏହି ଦୋକାନରେ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦାମ ଖୋଲାଖୋଲି ଭାବେ ନିଆଯାଉଛି। ଗୋଟିଏ ନିବ୍ର ଦାମ ୨୧୦ଟଙ୍କା ଧାର୍ଯ୍ୟ ମୂଲ୍ୟ ରହିଥିବା ବେଳେ ସେ ୨୦ଟଙ୍କା ଯୋଗ କରି ୨୩୦ଟଙ୍କାରେ ବିକ୍ରି କରୁଛି। ଏହା ସରକାରୀ ନିୟମର ଖୋଲା ଉଲ୍ଲଂଘନ ହୋଇଥିବା ବେଳେ ସମ୍ପୃକ୍ତ ବିଭାଗ ବର୍ଷ ବର୍ଷ ଧରି ନୀରବ ଦ୍ରଷ୍ଟା ସାଜିଛି। ବିଲ ଦେବାର ନିୟମ ରହିଥିବା ବେଳେ ଏହି ଦୋକାନ ନିୟମ ପାଳନ କରୁନାହିଁ। ଦୋକାନ ଖୋଲିବା ଓ ବନ୍ଦ କରିବା ସମୟ ସରକାରୀ ସ୍ତରରେ ନିର୍ଘଣ୍ଟ ହୋଇଥିବା ବେଳେ ଏହାକୁ ମଧ୍ୟ ଖାତିର କରାଯାଉ ନାହିଁ। ସର୍ବଦା ମୁଖ୍ୟ ଫାଟକ ଖୋଲା ହୋଇ ଦୋକାନ ପଛପଟ ଫାଟକ ଦେଇ ଅସମୟରେ ମଧ୍ୟ ମଦ ବିକ୍ରୟ ହେବା ସହିତ ଗାଁ ଗାଁକୁ ମଦ ସେହି ପଥରେ ନିୟମିତ ଚାଲାଣ ହେବାରେ ଲାଗିଛି। ବିଗତ ଦିନରେ ଏହି ଦୋକାନ ଉପରେ ସଙ୍ଗିନ ଅଭିଯୋଗ ହୋଇଥିଲା। ଏଠାରେ ନକଲି ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ଚଢଉ କରାଯାଇଥିଲା। ସେଥିପାଇଁ କିଛି ସମୟ ଦୋକାନକୁ ବନ୍ଦ କରି ଦିଆଯାଇଥିଲା। ପ୍ରାତଃରୁ ମଦ ବିଭିନ୍ନ ଗ୍ରାମକୁ ଗାଡି ମଟରରେ ଚାଲାଣ ହେବା ପରେ ରାସ୍ତା ପାର୍ଶ୍ୱରେ ଥିବା ବିକ୍ରୟ ଦରଜା ଖୋଲାଯିବା ଘଟଣା ନିତିଦିନ ଘଟି ଚାଲିଛି। ସରକାର ଅସାଧୁ ମଦ ବ୍ୟବସାୟୀମାନଙ୍କ ଉପରେ ଅଙ୍କୁଶ ଲାଗିବ ବୋଲି ଡିଣ୍ଡିମ ପିଟୁଥିବା ବେଳେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହା ହିଁ ବଡ଼ ପ୍ରଶ୍ନ ପାଲଟିଛି।

# ସନୋଜ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**କୋକସରା, ୬ ।୧(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ମହକୁମାସ୍ଥିତ ଖେଳ ପଡ଼ିଆରେ ସ୍ପୋର୍ଟ କ୍ଲବ୍ ଆନୁକୂଲ୍ୟରେ ସନୋଜ ନାଏକ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ କୋକସରା ପଞ୍ଚାୟତ ସମିତି ଅଧକ୍ଷା ରିତା ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାୟତ ସମିତି ଉପାଧକ୍ଷ ରାଜୀବ ଅଗ୍ରୱାଲ, ବିଡିଓ ହିମାଞ୍ଚଳ ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ, ଡାକ୍ତର ମାନବେଶ ମହାପାତ୍ର, ତ୍ରିଭୁବନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳର ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ୍ ବାନେର ଓ ନବରଙ୍ଗପୁର ଜିଲ୍ଲା ଚିତ୍ରକୋଟ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବାନେର ଦଳ ଫ୍ରିକିକ୍‌ରେ ୪/୧ ଗୋଲ ସ୍କୋର କରି ବିଜୟୀ ହୋଇଛି। ଖେଳକୁ ପିଇଟି ଛବି ନାଏକ ପରିଚାଳନା କରିଥିବାବେଳେ ଫୋର୍ଥରେ ପିଇଟି ଅମିତ୍ ମହାନ୍ତି, ଲାଇନ୍ସରେ ଶଙ୍କର ପୋଡ଼ ଓ ବିଶେଶ୍ୱର ପ୍ରଧାନ ସହଯୋଗ କରିଥିଲେ। ସ୍କୋର ବୋର୍ଡରେ ପିଇଟି ନିର୍ମଳ ଦଣ୍ଡସେନା ଓ ରାଧାକାନ୍ତ ପଟ୍ଟନାୟକ ସହଯୋଗ କରିଥିଲେ। ମହନ ବାଗ ଓ ରାଜେନ୍ଦ୍ର ନାଏକ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ତ୍ରିମୋହନ ନାଏକ, ସମ୍ପାଦକ କ୍ଷୀରସିନ୍ଧୁ ନେଗୀ, ଉପ ସଭାପତି କାମାକ୍ଷ ନାଏକ, ସହ ସମ୍ପାଦକ ସୁରେନ୍ଦ୍ର ମାଝୀ, ଜୟନ୍ତ ରାଉତ, ସଚିନ ଗୁପ୍ତା, କିଶନ ନାଏକ, ସୁରଜ ନାଏକ, ଜିତା ମିତ୍ର ପ୍ରଧାନୀ ସମେତ ସ୍ପୋର୍ଟ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ସାବିତ୍ରୀବାଇ ଫୁଲେଙ୍କ ଜୟନ୍ତୀ



**ସିନାପାଲି/ହାତୀବନ୍ଧା, ୬।୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ପଣ୍ଡରାମାଳି ସେବାସଂଘ ଖଡ଼ିଆଳ ଅଞ୍ଚଳ ତରଫରୁ ସିଙ୍ଗଝର ସଭାଗୃହରେ ଭାରତର ପ୍ରଥମ ମହିଳା ଶିକ୍ଷୟିତ୍ରୀ ସାବିତ୍ରୀ ବାଇ ଫୁଲେଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲା ସଭାପତି ଗୋଦାବରୀଶ ନାୟକ, ଉପଦେଷ୍ଟା ମଣ୍ଡଳୀର କର୍ମକର୍ତ୍ତା ତଥା ଶିକ୍ଷାବିତ ଉପେନ୍ଦ୍ର ଧାକଡ, ସମ୍ପାଦକ ସେବକ ରାମ ପାତ୍ର, ଗିରିଶ ଚନ୍ଦ୍ର ନାୟକ, ଧନୁର୍ଯ୍ୟୟ ନାୟକ, ପ୍ରେମଲାଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସାବିତ୍ରୀବାଇ ଫୁଲେ ବାଳିକାମାନଙ୍କର ଶିକ୍ଷାପ୍ରତି ଅକ୍ଳାନ୍ତ ପରିଶ୍ରମ କରୁଥିବା ତଥା ନିମ୍ନବର୍ଗର ଲୋକମାନଙ୍କର ଶିକ୍ଷାଗ୍ରହଣ ପାଇଁ ଜୌତିବା ଫୁଲେ ଓ ସାବିତ୍ରୀବାଇ ଫୁଲେଙ୍କ ଅବଦାନ ଅତୁଳନୀୟ ବୋଲି ଆଲୋକପାତ କରିଥିଲେ।

**ମୁଣ୍ଡ ନେଉଛି ପର୍ଲା ନିକଟ ବିଜୁ ଏକ୍ସପ୍ରେସ୍ ୱେ**

# ଅପରିଚିତଙ୍କୁ କାଳ ଡାଇଭର୍ସନ

**ଧର୍ମଗଡ଼, ୬ ।୧(ସମିସ):**

ଠିକା ସଂସ୍ଥାର ମନ୍ଥରତା ପାଇଁ ପର୍ଲା ବିଜୁ ଏକ୍ସପ୍ରେସ ୱେ ଦୁର୍ଘଟଣା ପ୍ରବଣ ଅଞ୍ଚଳ ସାଜିଛି। ପ୍ରତିଦିନ ଏହି ରାସ୍ତାରେ ବିଶେଷକରି ମୁଦ୍ରା ନଦୀ ପୋଲ ଡାଇଭର୍ସନରେ ପ୍ରତ୍ୟହ ଛୋଟବଡ ଦୁର୍ଘଟଣା ଘଟୁଛି। ଅନେକ ସମୟରେ ଲୋକଙ୍କ ପ୍ରାଣହାନୀ ଘଟୁଛି। ଶୁକ୍ରବାର ବିଳମ୍ବିତ ରାତିରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ମଝେନପଦର ଗ୍ରାମର ନିଳାମ୍ବର ନାଏକ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବିଳମ୍ବିତ ରାତିରେ ବେହେରା ପଟୁ ସେ ଫେରୁଥିବା ସମୟରେ ଡାଇଭର୍ସନ ପାଇଁ ପକାଯାଇଥିବା ମାଟି ହୁଡା ଉପରେ ଚଢିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏହାର ଦୁଇ ଦିନ ପୂର୍ବରୁ ମୁଦ୍ରା ପୋଲକୁ ଲାଗି ନିର୍ମାଣ ହେଉଥିବା ଆଉ ଏକ ଛୋଟ ପୋଲ ନିକଟରେ ଲଡୁଗାଁର ଜଣେ ଯୁବକ ଏକ ଚାରିଚକିଆ ଗାଡିକୁ ସାଇଡ ଦେବାକୁ ଯାଇ ଦୁର୍ଘଟଣାଗ୍ରସ୍ତ ହୋଇ ଗଭୀର କ୍ଷତାକ୍ତ ହୋଇଥିଲେ। କିଛି ଦିନ ପୂର୍ବରୁ ସେହି ସ୍ଥାନରେ ଲଡୁ ଗାଁ ଅଞ୍ଚଳର ଜଣେ ବାଇକ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇ ଜୀବନ ହରାଇଥିଲେ। ନଭେମ୍ବରରେ ସିନାପାଲି ଅଞ୍ଚଳର ଯୁବକମାନେ ସେଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଜଣକ ଜୀବନ ଯାଇଥିଲା। ହିସାବକୁ ନେଲେ ଗତ ଦୁଇ ବର୍ଷ ମଧ୍ୟରେ ସେଇ ପୋଲ ନିକଟରେ ୧୨ରୁ ଅଧିକ ଜୀବନ ଗଲାଣି। ତଥାପି ଠିକା ସଂସ୍ଥାର ଚେତା ପଶୁନାହିଁ। ଗାଡିଟିଏ ଗଲେ ଏମିତି ଧୂଳି ଉଡୁଛି ଯେ ସାମ୍ନାସାମ୍ନି ଦେଖିବା ସମ୍ଭବ ନୁହେଁ। ଠିକା ସଂସ୍ଥାର କର୍ମଚାରୀଙ୍କୁ ପାଣି ଦେବା ପାଇଁ କହିଲେ କାନ ମୁଣ୍ଡ ଆଉଁସି ମାଲିକ ମନା କରୁଛି ବୋଲି ଅସହାୟତା ପ୍ରକାଶ କରନ୍ତି। ଏହି ଚାରିଥାକିଆ ରାସ୍ତା ପାଇଁ ପର୍ଲା ମୁଦ୍ରା ନଦୀ ଉପରେ ଦୁଇଟି ପୋଲ ନିର୍ମାଣ ହେଉଛି। ଏହି ସଂସ୍ଥା ତରଫରୁ କୌଣସି ବୋର୍ଡ ଲଗାଯାଇ ନାହିଁ କି ଏହି ସଂସ୍ଥାର କର୍ମଚାରୀଙ୍କୁ ପଚାରିଲେ ମଧ୍ୟ ସେମାନେ ସଂସ୍ଥାର ନାଁ କହନ୍ତି ନାହିଁ। ସଂସ୍ଥା ପକ୍ଷରୁ ମୁଦ୍ରା ପୋଲ ଏବଂ ୩୨ କିମି ରାସ୍ତା ନିର୍ମାଣ ସାରି ବର୍ଷେ ହେବ କ୍ୟାମ୍ପ ଉଠି ସାରିଥିବାବେଳେ ମାତ୍ର ଗୋଟିଏ ପୋଲ ନିର୍ମାଣ ପାଇଁ ଏହି ସଂସ୍ଥାକୁ ୪ ବର୍ଷ ଲାଗିଲାଣି। ପୋଲ ନିର୍ମାଣ ସରୁନି ବୋଲି ୪ ବର୍ଷ ହେବ ଲୋକ ଡାଇଭର୍ସନ ରାସ୍ତାରେ ଯାଉଛନ୍ତି। ସ୍ଥାନୀୟ ଲୋକଙ୍କୁ କିଛି ଅସୁବିଧା ନାହିଁ; କିନ୍ତୁ ଯେଉଁମାନେ ନୂଆଁ ହୋଇ ଆସୁଛନ୍ତି ହଠାତ ଡାଇଭର୍ସନ ନେବାବେଳେ ସେମାନଙ୍କୁ ନିଜ ଗତି ନିୟନ୍ତ୍ରଣ କରିବାରେ ସମସ୍ୟା ହେଉଛି। ଏହା ଫଳରେ ସେମାନେ ଦୁର୍ଘଟଣାଗ୍ରସ୍ତ ହୋଇ ଅକାଳରେ ଜୀବନ ହରାଉଛନ୍ତି। ୩ କୋଟି ଟଙ୍କାର ପୋଲକୁ ଛୋଟ ମିକ୍ସଚର ମେସିନରେ କଂକ୍ରିଟ କଲେ କାମରେ ମନ୍ଥରତା ନିଶ୍ଚୟ ଆସିବ। ବିଭାଗୀୟ ଅଧିକାରୀଙ୍କୁ କହିଲେ ଶୁଣୁ ନାହାନ୍ତି।

ଗମନାଗମନ କ୍ଷେତ୍ରରେ ଗ୍ରାମାଞ୍ଚଳ ପାଇଁ ବିଜୁ ଏକ୍ସପ୍ରେସ ୱେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ। ଶିଳ୍ପ କରିଡ଼ର ନିର୍ମାଣ ଏହାର ଲକ୍ଷ୍ୟ ଥିଲେ ବି ଅନେକ ଉପାନ୍ତ ଅଞ୍ଚଳ ଦେଇ ଏହି ରାସ୍ତା ଯାଉଥିବାରୁ ପରିବହନ ଓ ଗମନାଗମନ ବ୍ୟବସ୍ଥା ସୁଗମ ହେବାରେ ଲାଗିଛି; କିନ୍ତୁ ଦୁଃଖର ବିଷୟ ଏହି ରାସ୍ତା ନିର୍ମାଣ ହେବା ପରଠାରୁ ଦୁର୍ଘଟଣା ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ବିଶେଷତଃ ଡାଇଭର୍ସନ ସ୍ଥାନରେ ଦୁର୍ଘଟଣା ସଂଖ୍ୟା ବହୁତ ଦେଖିବାକୁ ମିଳୁଛି। ଦ୍ରୁତ ଗାଡ଼ି ଚାଳନା ଓ ମାଦକ ଦ୍ରବ୍ୟ ସେବନ ମଧ୍ୟ ଦୁର୍ଘଟଣାର ଆଉ ଏକ କାରଣ। ତେବେ ସେହି ନିର୍ଦ୍ଦିଷ୍ଟ ଜାଗାରେ ଦୁର୍ଘଟଣା ହେବା ପାଇଁ କାର୍ଯ୍ୟର ମନ୍ଥରତା ଦାୟୀ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



**ଠିକା ସଂସ୍ଥାର ମନ୍ଥରତା ପାଇଁ ବଢୁଛି ଦୁର୍ଘଟଣା**

**୨ ବର୍ଷରେ ଗଲାଣି ୧୨ରୁ ଅଧିକ ଜୀବନ**

**ଗୋଟିଏ ପୋଲ ନିର୍ମାଣ ପାଇଁ ୪ ବର୍ଷ ଲାଗିଲାଣି**

**ଭଣ୍ଡାର ମାଉଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ବିଜେପୁରକୁ ହରାଇ କାନ୍ତେସିର ଟିମ୍ ଚାମ୍ପିଅନ




ହାତୀବନ୍ଧା, ୬।୧(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ ଚଚରାଭଟ୍ଟା ମହାବନ୍ଧ ଖେଳପଡ଼ିଆରେ ଆୟୋଜିତ ହୋଇଥିବା ମାଁ ଭଣ୍ଡାରମାଉଲି କ୍ରିକେଟ କପ୍ ସିଜନ-୫ ଉଦ୍‌ଯାପିତ ହୋଇଯାଇଛି। ଖେଳରେ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ବିଜେପୁରକୁ ହରାଇ କାନ୍ତେସିର ଟିମ୍ ଚାମ୍ପିଅନ ହୋଇଛି। କାନ୍ତେସିର ଟିମ୍ ପ୍ରଥମେ ଟସ୍ ଜିଣି ବୋଲିଂର ନିଷ୍ପତ୍ତି ନେଇଥିଲେ। ବିଜେପୁର ଟିମ୍ ୨୦ଓଭରରେ ୧୬୧ ରନ ସଂଗ୍ରହ କରିଥିଲା। ଜବାବରେ କାନ୍ତେସିର ଟିମ୍ ନିର୍ଦ୍ଧାରିତ ୧୫ଓଭର ୫ ବଲରେ ୧୬୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ, ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳଚରଣ ତାଣ୍ଡି, ଯୋଗାଣ ସହାୟକ ସୋଦନ ପଟେଲ, ଭରୁଆମୁଣ୍ଡା ପଞ୍ଚାୟତ ସରପଞ୍ଚ ବିରଞ୍ଚି ଜଗତ, ୱାର୍ଡସଭ୍ୟ ସଦାନନ୍ଦ ଜଗତ, ଆୟୋଜକ କମିଟି ସଭାପତି ଲୋକେଶ ମାଝୀ, ସମ୍ପାଦକ ଭୀମରାଜ ତାଣ୍ଡି, ଡିସମ୍ବର ଛତ୍ରିଆ, ସୁଶାନ୍ତ ଛତ୍ରିଆ, ଗୌରବ ଛୁରା, ଜଗଦୀଶ ନିଆଲ, ଦୈତାରୀ ତାଣ୍ଡି, ତ୍ରିଲୋଚନ ନିଆଲ, ତୁଳସୀ ବଗର୍ତ୍ତୀ, ଯୁଧିଷ୍ଠିର ତାଣ୍ଡି, ଭରତ ତାଣ୍ଡି, ଶୋଭାବନ ଛତ୍ରିଆ, ଝସକେତନ ତାଣ୍ଡି, ମୋହନ ଠେଲା, ବୈଚମ୍ପୟାନ ଠେଲା ଓ ଧନୁର୍ଯ୍ୟ ମାଳି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାନ୍ତେସିର ଟିମ୍‌ର କିଶୋର ମାଝୀଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଓ ବିଜେପୁର ଟିମ୍‌ର ପ୍ରମା ନାଗକୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଯଦୁମଣି ନିଆଲ ଓ ମଦନମୋହନ ଘିଭେଲା ଖେଳ ପରିଚାଳନା କରିଥିଲେ। ପ୍ରକାଶ ପାତ୍ର, ଭୀମରାଜ ତାଣ୍ଡି, ସୁଧୀର ସରାପ, ମହେଶ ଦୀପ, ବିଜୁ ସେଠୀ ଓ ଯୌବନ ଗହୀର ଧାରାବିବରଣୀ ପ୍ରଦାନ କରିଥିଲେ। ତୁଲାରାମ ତାଣ୍ଡି ଓ ବିକାଶ ଜଗତ ସ୍କୋର ଦାୟିତ୍ୱ ତୁଲାଇଥିଲେ। ଚାମ୍ପିଅନ ଦଳକୁ ୫୦ ହଜାର ଟଙ୍କା ସହ ମର୍ଯ୍ୟାଦାଜନକ ଟ୍ରଫି ଓ ରନର୍ସଅପ୍ ଦଳକୁ ୩୦ ହଜାର ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ସିରିଜ ସାଇକଲ ଓ ମ୍ୟାନ ଅଫ୍ ଦି ମ୍ୟାଚ ସ୍ମାର୍ଟୱାଚ ପ୍ରଦାନ କରାଯାଇଥିଲା। ଆୟୋଜକ ପ୍ରଶାନ୍ତ ଛତ୍ରିଆ, ଗରୁଡ଼ ଛତ୍ରିଆ, ବସନ୍ତ ଛତ୍ରିଆ, ହେମନ୍ତ ତାଣ୍ଡି ଓ ପିଣ୍ଟୁ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**● ଅସହାୟଙ୍କୁ ସହାୟତା ଯୋଗାଇଲା ପ୍ରଶାସନ**



**ନୂଆପଡ଼ା, ୬।୧(ସମିସ):** ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡି ରାଘବେନ୍ଦ୍ରଙ୍କ ମିଳିତ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୮ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି। ଏଥିରୁ ୭୭ଟି ବ୍ୟକ୍ତିଗତ, ୯ଟି ଗୋଷ୍ଠୀଗତ ଏବଂ ୨ଟି ରେଡ୍‌କ୍ରସ ସାହାଯ୍ୟ ସମ୍ବନ୍ଧୀୟ ଥିଲା। ଏହିସବୁ ଅଭିଯୋଗ ଉପରେ ଅତିଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଘାଟିପଡ଼ା ଗାଁ ପିତୃମାତୃହୀନ ଅସହାୟ ବାଳିକା ପୂର୍ଣ୍ଣିମା ସାହୁଙ୍କୁ ୧୦ହଜାର ଟଙ୍କା ଏବଂ ଗୋବରା ଗାଁର ଇନ୍ଦିରା ମାଝୀ, ଯାହାଙ୍କର ସ୍ୱାମୀ ନିକଟ ଅତୀତରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ତାଙ୍କୁ ମଧ୍ୟ ୧୦ ହଜାର ଟଙ୍କାର ତତ୍କାଳୀନ ସହାୟତା ରେଡ୍‌କ୍ରସ ପାଣ୍ଠିରୁ ଯୋଗାଇ ଦିଆଯାଇଥିଲା। ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହିତ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ମହାଦେବ ବଡ଼ାଇକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାକାନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ତହସିଲଦାର ପୁଷ୍ପାଞ୍ଜଳୀ ଦଣ୍ଡପାଟ, ଡେପୁଟି କଲେକ୍ଟର ଶେଖ୍ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ରମେଶ ଚନ୍ଦ୍ର ପାଠକ, ଡା. ଅନୁପ କୁମାର ଅଗ୍ରୱାଲ ପ୍ରମୁଖ ଚିକିତ୍ସା ଯୋଗାଇ ଦେଇଥିଲେ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କୋକସରା, ୬ ।୧(ସମିସ):** ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନାରାୟଣ ଧଳଙ୍କ ଉଦ୍ଦେଶ୍ୟରେ ସୋମବାର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ ଦାସ, ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର ପଣ୍ଡା, ବଡ଼ପୋଡ଼ାଗୁଡ଼ା ସରପଞ୍ଚ ଜମୁନା ନାଏକ, ବିରଞ୍ଚିନାରାୟଣ ପଣ୍ଡା, ଜିତେନ୍ଦ୍ର ପଣ୍ଡା, ପ୍ରମୋଦ ବଳ, ସ୍କୁଲ ପରିଚାଳନା କମିଟିର ସଭାପତି ନରେଶ ନାଏକ, କୃଷ୍ଣଚନ୍ଦ୍ର ନାଏକ, ଭଜମନ ନାଏକ, ଶିକ୍ଷକ ପ୍ରଦୀପ ଦାସ, ସଞ୍ଜିବ ପାଢ଼ୀ, ଶୁଭ୍ରାଂଶୁ ବେହେରା, ମଳୟ ବାଗ, ନିଳାମ୍ବର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଶ୍ରୀ ଧଳଙ୍କ ସହିତ ସ୍କୁଲରେ ବିତେଇ ଥିବା ସମୟ ଓ ଶିକ୍ଷାଦାନ କଥା ବଖାଣିଥିଲେ। ସେହିପରି ଅତିଥିମାନେ ମଧ୍ୟ ଶ୍ରୀ ଧଳଙ୍କ ବିଦ୍ୟାଳୟ ପ୍ରତି ରହିଥିବା ଅବଦାନ ମନେ ପକାଇଥିଲେ। ଶିକ୍ଷକ ଲକ୍ଷ୍ମୀଧର ସେନାପତି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ କପିଳେନ୍ଦ୍ର ସିଂ, ଶୋଳପାଣି ଦାସ, ଉପେନ୍ଦ୍ର ରାଉତ, ଉଦୟ ପଣ୍ଡା, କର୍ମଚାରୀ ଭରତ ବେମାଲ, ନିଳାମ୍ବର ପୁଝାରୀ, ଶତ୍ରୁଘନ ପୁଝାରୀ, ନିଳାମ୍ବର ଶବର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା, ପୁରାତନ ଛାତ୍ରଛାତୀ ଉପସ୍ଥିତ ଥିଲେ।

**ଯୁଗଯାତ୍ରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ**

# ‘ଭାଷା ଭିନ୍ ଭିନ୍; ସାହିତ୍ୟ ଗୁଟେ’

**ମ.ରାମପୁର, ୬ ।୧(ସମିସ):**



**ଜାତି ଭିନ ଭିନ୍; ମୁନୁଷ ଗୁଟେ’**

କଳାହାଣ୍ଡିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଯୁଗଯାତ୍ରୀ ସାହିତ୍ୟ ସଂସଦର ଦୁଇ ଦିନିଆ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଉଦ୍‌ଯାପିତ ହେଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଲୋକକବି ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ‘ଭାଷା ଭିନ୍ ଭିନ୍; ହେଲେ ସାହିତ୍ୟ ଗୁଟେ। ଜାତି ଭିନ ଭିନ୍; ମୁନୁଷ ଗୁଟେ’ ବୋଲି ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ। ସଭାପତି ପଦ୍ମଲୋଚନ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବରେ ଅଧ୍ୟାପକ କବି ସୁବ୍ରତ ଦାଶ ଯୋଗ ଦେଇଥିଲେ। ରାକେଶ ଶତପଥୀଙ୍କ ଦ୍ୱାରା ରଚିତ ପ୍ରାରମ୍ଭିକ ସଙ୍ଗୀତରେ ସନ୍ତୋଷ ଦୁବେ, ଅବିନାଶ ଶତପଥୀ, ରୀତେଶ ଶତପଥୀ କଣ୍ଠଦାନ କରିଥିଲେ। ବାଦ୍ୟଯନ୍ତ୍ରରେ ରମାକାନ୍ତ ପ୍ରହରାଜ, କର୍ମା ସାହୁ, ଜ୍ଞାନ ରଞ୍ଜନ ସହଯୋଗ କରିଥିଲେ। ସମ୍ପାଦକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। କବି ଭାରତ ମାଝୀଙ୍କୁ ଯୁଗଯାତ୍ରୀ ସାହିତ୍ୟ ସମ୍ମାନ ଓ ନାଟ୍ୟକାର ଓଜସ୍ୱନୀ ମାହାରଙ୍କୁ ଯୁଗଯାତ୍ରୀ ନବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଉପସଭାପତି ରାକେଶ ଶତପଥୀ ଓ ସ୍ୱରୂପା ରାଣୀ ହୋତା ମାନପତ୍ର ପଠନ କରିଥିଲେ। ଉପଦେଷ୍ଟା ସୁରେନ୍ଦ୍ର ମହାଖୁଡ଼ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ସହସମ୍ପାଦକ ପରମାନନ୍ଦ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ବାଲିଗଡ଼ା କଳା ବିକାଶ କେନ୍ଦ୍ରର କଳାକାର ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଦିବସରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବର ପ୍ରଥମ ଅଧିବେଶନରେ କବି ଆଶୁତୋଷ ପାତ୍ର, ଅନୁବାଦିକା ସବିତା ଦାଶ ଯୋଗ ଦେଇଥିଲେ। ବନଶ୍ରୀ ଦାଶ ଓ ସ୍ୱାଗତିକା ସାହୁ କବିତା ଆସରରେ ସଂଯୋଜନା କରିଥିଲେ। ତୃତୀୟ ଅଧିବେଶନରେ ରାଜେନ୍ଦ୍ର ପାଢ଼ୀ, ଗୋପାଳକୃଷ୍ଣ ମାଝୀ ଓ ଗାଳ୍ପିକ ଯୋଗେଶ୍ୱର ପଣ୍ଡା ଅତିଥି ଭାବେ ଯୋଗ ଦେଥିଲେ। କବି ଦୀପ୍ତିମୟୀ ସିଂ ଓ ପଲ୍ଲବୀ ଦାଶ କବିତା ଆସରକୁ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ତହସିଲଦାର ସୁଧାକର ରଇତ, ଛାୟାକାନ୍ତ ଷଡଙ୍ଗୀ, ଯୁଗଯାତ୍ରୀ ସାହିତ୍ୟ ସଂସଦର ପୂର୍ବତନ ସଭାପତି ରାଜୀବ ଲୋଚନ ପାଢ଼ୀ ଯୋଗ ଦେଇଥିଲେ। ଯୁବ ଗାଳ୍ପିକ ଯୋଗେଶ୍ୱର ପଣ୍ଡା ଯୁଗଯାତ୍ରୀ ସାହିତ୍ୟ ସଂସଦ ସୁବର୍ଣ୍ଣ ଜୟନ୍ତୀ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ପରମାନନ୍ଦ ବିଶି ମାନପତ୍ର ପଠନ କରିଥିଲେ। ଏଥି ସହିତ ବିଭିନ୍ନ ଅଞ୍ଚଳର କବି ଓ ପୁରାତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗୀତାର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ନାରାୟଣ ମହାଳିକ ଓ ସୁଶାନ୍ତ ମିଶ୍ର ପରିଚାଳନା କରିଥିଲେ। ଶ୍ରୀପତି ପଟ୍ଟନାୟକେ, ରଜନୀକାନ୍ତ ମହାଖୁଡ଼, ମାନସ ରଞ୍ଜନ ପ୍ରହରାଜ, ଧନୁର୍ଯ୍ୟ ମହାରଣା, ଲଳିତ ମହାଳିକ, ରଶ୍ମି ରଞ୍ଜନ ପ୍ରହରାଜ, ଉପେନ୍ଦ୍ର ମହାଖୁଡ, ସଞ୍ଜୀବ ସାହୁ, ବୁଦ୍ଧଦେବ ସାହୁ ନିରଞ୍ଜନ ସାହୁ, ଜିତେନ୍ଦ୍ର ପାତ୍ର, କିଶୋର ଚନ୍ଦ୍ର ତ୍ରିପାଠୀ, ଅଙ୍କିତ ଦଣ୍ଡସେନା ଓ ସଂସଦର ସଭ୍ୟସଭ୍ୟା ସହଯୋଗ କରିଥିଲେ।

# ନୂଆପଡ଼ାରେ ଭୋଟର ତାଲିକା ପ୍ରକାଶିତ

## ଜିଲ୍ଲାର ଭୋଟର ସଂଖ୍ୟା ୫ ଲକ୍ଷ ୩ ହଜାର ୭୩୦

**ନୂଆପଡ଼ା, ୬।୧(ସମିସ):** ନୂଆପଡ଼ା ଜିଲ୍ଲାରେ ସ୍ୱତନ୍ତ୍ର ସଂଶୋଧନ ପରେ ୨୦୨୫ ପାଇଁ ଅନ୍ତିମ ଭୋଟର ତାଲିକା ସୋମବାର ପ୍ରକାଶିତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ମଧୁସୁଦନ ଦାଶଙ୍କ ଅଧ୍ୟକ୍ଷତାରେ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରେଭେନ୍ୟୁ) ଭୀମସେନ ଶବର, ଅତିରିକ୍ତ ଜିଲ୍ଲାପାଳ ତଥା ସାଧାରଣ ବିଭାଗ ସୁବାଷ ଚନ୍ଦ୍ର ରଉତ, ଏଆର୍‌ଓ ତଥା ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଡେପୁଟି କଲେକ୍ଟର ତଥା ନିର୍ବାଚନ ଶାଖା ଶେଖ୍ ନସିମ ଯୋଗ ଦେଇଥିଲେ। ରାଜନୈତିକ ଦଳର ପ୍ରତିନିଧି ହିସାବରେ ବିଜେପିରୁ କମଳେଶ ଦୀକ୍ଷିତ, ବିଜୁ ଜନତା ଦଳରୁ ରାମଲାଲ ହଂସ, କଂଗ୍ରେସର ଦେବଦତ୍ତ ଦୀକ୍ଷିତ, ଆପ୍‌ର ଲକ୍ଷ୍ମୀକାନ୍ତ ତାଣ୍ଡି, ବିଏସ୍‌ପିର କୁନ୍ତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାନୁଯାୟୀ, ସଂକ୍ଷିପ୍ତ ସଂଶୋଧନ ପରେ ୭୧ନମ୍ବର ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ୩୦୨ଟି ବୁଥ୍ ଅଛି। ଏଥିରେ ପୁରୁଷ ଭୋଟର୍ ୧୨୧୬୭୨, ମହିଳା ଭୋଟର୍ ୧୨୫୪୮୨, ତୃତୀୟ ଲିଙ୍ଗ ଭୋଟର୍ ସଂଖ୍ୟା ୨୧ଜଣ। ସମୁଦାୟ ୨୪୭୧୭୫ ଜଣ ଭୋଟର ଅଛନ୍ତି। ସେହିପରି ୭୨ନମ୍ବର ଖଡ଼ିଆଳ ନିର୍ବାଚନ ମଣ୍ଡଳୀରେ ୩୦୨ଟି ବୁଥ୍ ଅଛି। ପୁରୁଷ ଭୋଟର୍ ୧୨୮୩୫୨, ମହିଳା ଭୋଟର ୧୨୮୧୮୬, ତୃତୀୟ ଲିଙ୍ଗ ଭୋଟର ୧୭। ସମୁଦାୟ ୨୬୬୫୫୫ଜଣ ଭୋଟର ଅଛନ୍ତି। ସମଗ୍ର ଜିଲ୍ଲାରେ ଏଥର ପୁରୁଷ ଭୋଟର୍ ୨୫୦୦୨୪, ମହିଳା ଭୋଟର୍ ୨୫୩୬୬୮ ଓ ତୃତୀୟ ଲିଙ୍ଗ ଭୋଟର୍ ୩୮। ସମୁଦାୟ ୫୦୩୭୩୦ଜଣ ଭୋଟର ଅଛନ୍ତି। ଜିଲ୍ଲାରେ ଦିବ୍ୟାଙ୍ଗ ଭୋଟର୍ ୮୭୧୨, ବରିଷ୍ଠ ନାଗରିକ ଭୋଟର୍ ୪୨୬୧ ଏବଂ ଯୁବ ଭୋଟର୍ ସଂଖ୍ୟା ୧୦୭୭୭ ଅଟେ। ଏବେ ମଧ ଯୁବ ଭୋଟରମାନେ ଅନ୍‌ଲାଇନରେ ଭୋଟର ହିସାବରେ ନିଜ ନାମ ପଞ୍ଜୀକରଣ କରିପାରିବେ ବୋଲି ନିର୍ବାଚନ ବିଭାଗ ତରଫରୁ କୁହାଯାଇଛି।



## ସୁବର୍ଣ୍ଣ ଲୋକ ମହୋତ୍ସବର ପ୍ରଥମ ସନ୍ଧ୍ୟା

# ଢୋଲ, ନିସାନ ଓ ତାସାର ତାଳେତାଳେ ଦୁଲୁକିଲା ମଞ୍ଚ





**ସୋନପୁର, ୬।୧(ସମିସ)**

ଆନନ୍ଦ ଉଲ୍ଲାସ ସହ ନୃତ୍ୟ ଓ ଗୀତର ମହାକୁମ୍ଭ ପାଞ୍ଚ ଦିନିଆ ସୁବର୍ଣ୍ଣ ଲୋକ ମହୋତ୍ସବ ଆରମ୍ଭ ହୋଇଛି। ଦିନ ୧୧ଟାରେ ସ୍ଥାନୀୟ ରଥ୍ୟାଳପଡ଼ିଆରୁ ରାମେଶ୍ୱର ଷ୍ଟାଡିୟମ ଯାଏଁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଏବଂ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଜିଲ୍ଲାପାଳ ଅନ୍ୟା ଦାସ ପ୍ରମୁଖ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଆରମ୍ଭ ହୋଇଥିଲା ଉତ୍ସବର ମୁଖ୍ୟ ଆକର୍ଷଣ ନୃତ୍ୟ ଓ ଗୀତର ମହାପାର୍ବଣ। ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁରର କଳା ଏବଂ ସଂସ୍କୃତିକୁ ଉପମୁଖ୍ୟମନ୍ତ୍ରୀ ଖୁବ୍ ପ୍ରଶଂସା କରିଥିଲେ। ସୋନପୁରରେ ଖୁବ୍ ଶୀଘ୍ର ଏକ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସୋନପୁରର ବନ୍ଦ ପଡ଼ିଥିବା ସୂତାକଳ ମଧ ପୁନଃ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଥିଲେ। ଏହି ଅବସରରେ ଜିଲ୍ଲା ଉତ୍ସବର ସ୍ମରଣିକା 'ଶାକ୍ତସ୍ୱର' ଉନ୍ମୋଚିତ ହୋଇଥିଲା। ଭୀମଭୋଇ କଳା ପରିଷଦର ପ୍ରାରମ୍ଭିକ ସଙ୍ଗୀତରେ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନେ ଆକର୍ଷଣୀୟ ନୃତ୍ୟ ଓ ଗୀତ ପ୍ରଦର୍ଶନ କରିଥିଲେ। ପ୍ରଥମ ସନ୍ଧ୍ୟାରେ ରାଜସ୍ଥାନର କାଲବେଲିଆ, ଆସାମର ବିହୁ, ଖୋର୍ଦ୍ଧାର ଓଡ଼ିଶୀ, କଳିଙ୍ଗ ପାଇକ କ୍ରିଏସନ୍‌ର ପାଇକ ଆଖଡ଼ା, ଡୁଙ୍ଗୁରିପାଲିର କରମା ଆଦି ନୃତ୍ୟ ପରିବେଷିତ ହୋଇଥିଲା। ତେବେ କଳାହାଣ୍ଡି କଳାକାରଙ୍କ ଘୁମୁରା ନୃତ୍ୟରେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ। ଢୋଲ, ନିସାନ ଓ ତାସାର ଗୁରୁ ଗମ୍ଭିର ସ୍ୱରରେ ପ୍ରକମ୍ପିତ ହୋଇଥିଲା ଫକୀର ପଟ୍ଟନାୟକ ଖୋଲା ମଞ୍ଚ। ଆସନ୍ତା ୧୦ ତାରିଖ ଯାଏଁ ପାଞ୍ଚ ଦିନ ଧରି ସୁବର୍ଣ୍ଣ ଲୋକ ମହୋତ୍ସବରେ କମ୍ପିବ ସୁବର୍ଣ୍ଣପୁର। ଉତ୍ସବରେ ଲୋକକଳାର ନିଦର୍ଶନ ଦେଖିବାକୁ ମିଳିବ। ମହୋତ୍ସବରେ ଲାଗିଥିବା ପଲ୍ଲିଶ୍ରୀ ମେଳାରେ ଟେରାକୋଟା ସାମଗ୍ରୀ, ହସ୍ତତନ୍ତ, ବଡି, ଆଚାର ଏବଂ ଭଳିକି ଭଳି ଖାଦ୍ୟର ଷ୍ଟଲ୍ ଲାଗିଛି।

# କଳାହାଣ୍ଡି ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

**ଭବାନୀପାଟଣା, ୬।୧ (ସମିସ):** କଳାହାଣ୍ଡି ଜିଲ୍ଲାରେ ଥିବା ଭୋଟରଙ୍କ ଚୂଡାନ୍ତ ତାଲିକାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ପ୍ରକାଶ କରିଛନ୍ତି। ଏଥିରେ ଜିଲ୍ଲାର ୭୭- ଲାଞ୍ଜିଗଡ଼, ୭୮- ଜୁନାଗଡ଼, ୭୯- ଧର୍ମଗଡ଼, ୮୦- ଭବାନିପାଟଣା, ୮୧- ନର୍ଲା ନିର୍ବାଚନ ମଣ୍ଡଳିରେ



ଥିବା ଭୋଟରଙ୍କ ସଂଖ୍ୟା ପ୍ରକାଶିତ ହୋଇଛି। ଚଳିତ ବର୍ଷ ଜାନୁଆରୀ ୫ ତାରିଖ ସୁଦ୍ଧା ଜିଲ୍ଲାରେ ସର୍ବମୋଟ ୧୨୨୦୩୦୪ ଜଣ ଭୋଟରଙ୍କ ନାମ ଭୋଟର ତାଲିକାରେ ରହିଛି। ଏହି କ୍ରମରେ କଳାହାଣ୍ଡି ଜିଲ୍ଲାରେ ୬ ଲକ୍ଷ ୧୦ ହଜାର ୫୦୧ ଜଣ ପୁରୁଷ ଭୋଟର ରହିଥିବା ବେଳେ ୬ ଲକ୍ଷ ୯ ହଜାର ୭୩୭ ଜଣ ମହିଳା ଭୋଟରଙ୍କ ସମେତ ୬୬ ଜଣ ତୃତୀୟ ଲିଙ୍ଗୀ ଭୋଟରଙ୍କୁ ମିଶାଇ ମୋଟ ୧୨ ଲକ୍ଷ ୨୦ ହଜାର ୩୦୪ ଜଣ ଭୋଟର ରହିଛନ୍ତି। ୨୦୨୪ ବର୍ଷରେ ୯ ହଜାର ୧୧ ଜଣ ୧୮ ବର୍ଷରୁ ଅଧିକ ଯୁବ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଛି। ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳିରେ ୨ ଲକ୍ଷ ୩୪ ହଜାର ୧୭୩ ଜଣ ଭୋଟର ରହିଥିବା ବେଳେ ଏଥିରେ ୧ ଲକ୍ଷ ୧୩ ହଜାର ୯୩୯ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୨୦ ହଜାର ୨୧୪ ଜଣ ମହିଳା ଓ ୨୦ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ସେହିପରି ଜୁନାଗଡ଼ ନିର୍ବାଚନ ମଣ୍ଡଳିରେ ମୋଟ ଭୋଟର ୨ ଲକ୍ଷ ୪୮ ହଜାର ୮୨୧ ଜଣଙ୍କ ନାମ ଭୋଟର ତାଲିକାରେ ପ୍ରକାଶିତ ହୋଇଥିବା ବେଳେ ଏଥିରେ ୧ ଲକ୍ଷ ୨୫ ହଜାର ୬୯୨ ଜଣ ପୁରୁଷ ଓ ୧ ଲକ୍ଷ ୨୩ ହଜାର ୧୨୬ ଜଣ ମହିଳା ଭୋଟରଙ୍କ ସମେତ ୩ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଧର୍ମଗଡ଼ ନିର୍ବାଚନ ମଣ୍ଡଳିରେ ମୋଟ ୨ ଲକ୍ଷ ୬୪ ହଜାର ୩୪୨ ଜଣ ଭୋଟର ରହିଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୩୨ ହଜାର ୯୯୫ ପୁରୁଷ ରହିଥିବା ବେଳେ ୧ ଲକ୍ଷ ୩୧ ହଜାର ୩୪୧ ଜଣ ମହିଳା ଭୋଟର ଏବଂ ୬ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ସେହିପରି ଭବାନିପାଟଣା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୮ ହଜାର ୫୩୩ ଜଣ ଭୋଟର ରହିଥିବା ବେଳେ ଏଥିରେ ୧ ଲକ୍ଷ ୧୯ ହଜାର ୫୯୬ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୧୮ ହଜାର ୯୧୮ ଜଣ ମହିଳା ଓ ୧୯ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ନର୍ଲା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୪ ହଜାର ୪୩୫ ଜଣ ଭୋଟର ରହିଥିବା ବେଳେ ଏଥିରେ ୧ ଲକ୍ଷ ୧୮ ହଜାର ୨୭୯ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୧୬ ହଜାର ୧୩୮ ଜଣ ମହିଳା ଓ ୧୮ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦଳର ସଦସ୍ୟ ଥିଲେ। ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବଇତୁରା ଦୀପ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା, ଭବାନୀପାଟଣା ଉପ-ଜିଲ୍ଲାପାଳ ପ୍ରଭାତ ପରିଡ଼ା, ଜିଲ୍ଲା ନିର୍ବାଚନ ଶାଖାର ଅଧିକାରୀ ଏବଂ ସମସ୍ତ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।



କଳାହାଣ୍ଡି ଜିଲ୍ଲା ଏମ୍‌ରାମପୁର ବ୍ଲକ୍ ଉର୍ଲାଦାନୀ ପଞ୍ଚାୟତର ବୁଢ଼ାଦୁରିଙ୍ଗ ଗ୍ରାମବାସୀ ସୋମବାର ଜିଲ୍ଲା ପ୍ରଶାସନର ଜନଶୁଣାଣି ଶିବିରରେ ଗାଁର ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇବାକୁ ଆସିଛନ୍ତି

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର






**କୋମନା, ୬।୧ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୁଦ୍ଧିକୋମନାରେ +୨ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଶିତିକଣ୍ଠ ପଣ୍ଡା ସଭାପତିତ୍ୱ କରି ଆତ୍ମସୁରକ୍ଷା କୌଶଳ ଦ୍ୱାରା ଛାତ୍ରୀମାନେ ଅନ୍ତର୍ନିହିତ ଶକ୍ତିକୁ ଜାଗ୍ରତକରି ନିଜକୁ ସୁରକ୍ଷା କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ଅଧ୍ୟାପିକା ସଂଘମିତ୍ରା ନାୟକ, ଶିକ୍ଷା ଅଧ୍ୟାପକ ପରିତୋଷ ସାହୁ, ଇତିହାସ ଅଧ୍ୟାପକ ଅଭିମନ୍ୟୁ ମୁଣ୍ଡା, ଅର୍ଥନୀତି ଅଧ୍ୟାପକ ରାଜକୁମାର ସୁନାନୀ, ରାଜନୀତି ବିଜ୍ଞାନ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ ଓ ତର୍କଶାସ୍ତ୍ର ଅଧ୍ୟାପିକା ଲତା ବାଗ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିବିରକୁ ଶାରିରୀକ ଶିକ୍ଷକ ପ୍ରକାଶ ଚନ୍ଦ୍ର ହୋତା ପରିଚାଳନା କରିଥିଲେ। ସହାୟକ ଗ୍ରନ୍ଥାଗାରିକ ଅଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜ୍ୟୋତିରାଜ ସିଂଦେଓ ସହଯୋଗ କରିଥିଲେ। ଶିବିରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀମାନେ ତାଲିମ ନେଉଛନ୍ତି ଏବଂ ମାଷ୍ଟର ଟ୍ରେନର ଭାବେ ଧନେଶ୍ୱରୀ କେଉଟ ଓ ସୁରେଖା ବାଗ ତାଲିମ ପ୍ରଦାନ କରୁଛନ୍ତି। ସେହିପରି ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଅବସରରେ ଓଡ଼ିଆ ଅଧ୍ୟାପକ ଡ. ଦୀପକ ଦାଶଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଶାନ୍ତ ପଣ୍ଡା, ଅଧ୍ୟାପିକା ସୁଜାତା ବଙ୍ଗୋଳା, ପ୍ରଜ୍ଞା ପରିମିତା ବାରିକ, ଜୟଶ୍ରୀ ଦଣ୍ଡସେନା ଓ ବନ୍ଦନା ଚଳାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷିକା ଭାବେ ସରସ୍ୱତୀ ଶବର ଓ ଧନେଶ୍ୱରୀ କେଉଟ ଉପସ୍ଥିତ ରହି ପ୍ରାୟ ୧୮୨ ଜଣ ଏକାଦଶ ଶ୍ରେଣୀର ଛାତ୍ରୀମାନଙ୍କୁ ତାଲିମ୍ ପ୍ରଦାନ କରିବେ। ସଭାକୁ ପ୍ରୋଗ୍ରାମ୍ ଅଧିକାରୀ ତଥା ଖେଳ ଶିକ୍ଷକ ଶଙ୍କର ବୈଠାରୁ ସଂଯୋଜନା କରିଥିଲେ।

## ବାଇକ୍ ଧକ୍କାରେ ବୃଦ୍ଧା ମୃତ

**ନୂଆପଡ଼ା, ୬।୧ (ସମିସ):** ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଜାତୀୟ ରାଜପଥ ଅତିକ୍ରମ କରିବା ବେଳେ ବାଇକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖରିଆରରୋଡ୍ ଜୋଙ୍କ ଥାନା ଅଧୀନ ବୋଇରଭାଡ଼ି ଗ୍ରାମର ସୁକବାଇ ସାଗର (୫୫)। ସୂଚନାନୁଯାୟୀ, ବୋଇରଭାଡ଼ି ଗ୍ରାମର ତୁଳସିରାମ ସାଗର ଓ ସ୍ତ୍ରୀ ସୁକବାଇ ସାଗର ସୋମବାର ମୁଖ୍ୟ ଚିକିତ୍ସାଳୟକୁ ଜଣେ ସମ୍ପର୍କୀୟ ରୋଗୀଙ୍କୁ ଦେଖିବାକୁ ଆସିଥିଲେ। ସନ୍ଧ୍ୟାରେ ଡାକ୍ତରଖାନା ସମ୍ମୁଖ ୩୫୩ ନଂ ଜାତୀୟ ରାଜପଥ ଅତିକ୍ରମ ବେଳେ ଏକ ବାଇକ ସୁକବାଇଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ। ନୂଆପଡ଼ା ପୁଲିସ ଏକ ମାମଲା ରୁଜୁ କରିଥିବାବେଳେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

**ବୌଦ୍ଧ, ୬।୧(ସମିସ):** ବୌଦ୍ଧ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ, ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ଓରମାସ୍‌ର ମିଳିତ ସହଯୋଗରେ ସ୍ଥାନୀୟ ପରେଡ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାପାଳ ସୁବ୍ରତ ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମବାୟ ସମିତି ସହକାରୀ ନିବନ୍ଧକ ହାଡିବନ୍ଧୁ ମହାକୁଡ ଅର୍ପଣ କରିଥିଲେ। ଏହି ଅବସରରେ ମହୋତ୍ସବ ସ୍ମରଣିକା 'ଯଶୋଧାରା' ଉନ୍ମୋଚିତ ହୋଇଥିଲା। ହରଭଙ୍ଗାର ଧୁନକେଲି, ବୌଦ୍ଧର ଆଞ୍ଚଳିକ ସଙ୍କୀର୍ତ୍ତନ ମଣ୍ଡଳି, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ପୂର୍ଣ୍ଣମାସି ମହିଳା ପାଲା ଦଳ, ଜମଟାଙ୍ଗି ସରକାରୀ ଉ. ପ୍ରା. ବିଦ୍ୟାଳୟ ଝାଡ଼ରାଜିଙ୍ଗ ଆଶ୍ରମ ହାଇସ୍କୁଲ, ଗନ୍ଧରାଡ଼ି କଳା ପରିଷଦ, ଶ୍ରୀରାମ କାର୍ଟୁନ କମେଡି, ରାଧାନଗର ସରକାରୀ ଉପ୍ରା ବିଦ୍ୟାଳୟ, ସାଂସ୍କୃତିକ କଳା ପରିଷଦ, ମର୍ଜାକୁଦ ଏମଇ ସ୍କୁଲ, ପୁରୀର ଡ୍ରିମ୍ ନାଇଟ, ସେଣ୍ଟ ଜାଭିୟର୍ସ



ବୌଦ୍ଧ ମହୋତ୍ସବ ପଲ୍ଲିଶ୍ରୀ ମେଳା ପଞ୍ଚମ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପଦ୍ମଶ୍ରୀ ଡ. ସାଧୁ ମେହେର, ମନ୍ତ୍ରୀ, ରବି ନାରାୟଣ ନାୟକ, ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବୌଦ୍ଧ ବିଧାୟକ ସରୋଜ ପ୍ରଧାନ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓ ଶୋଭନା ମିଶ୍ର ସଭା ପରିଚାଳନା ସହ ସଂଯୋଜନା କରିଥିଲେ। ଶିକ୍ଷକ ପ୍ରମୋଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପ ଜିଲ୍ଲାପାଳ ପ୍ରଭାସଚନ୍ଦ୍ର ଦଣ୍ଡସେନା ଧନ୍ୟବାଦ ପବ୍ଲିକ ସ୍କୁଲ, କୋରାପୁଟର କୋଟପାଡ଼ କଳା ପରିଷଦ, କୁରେଇ କଲଚରାଲ୍ ୱିଙ୍ଗ, ସୃଷ୍ଟି ଡ୍ୟାନ୍ସ ଏକାଡେମୀ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନ୍ତରା ଚକ୍ରବର୍ତ୍ତୀ, ସତ୍ୟଜିତ ପ୍ରଧାନ, ଏଲିନା ସାମନ୍ତରାଏ ମୁଖ୍ୟ ଆକର୍ଷଣ ଥିଲେ।

## ସର୍ବଭାରତୀୟ ୱାଇଏମ୍‌ସି କପ୍ କ୍ରିକେଟ

# ପ୍ରଥମ ମ୍ୟାଚ୍‌ରେ ବରଗଡ଼କୁ ହରାଇଲା ନୂଆପଡ଼ା

**ନୂଆପଡ଼ା, ୬।୧(ସମିସ)**



ମିନି ଷ୍ଟାଡିୟମରେ ଚାଲିଥିବା ୩୩ତମ ସର୍ବଭାରତୀୟ ୱାଇଏମ୍‌ସି କ୍ରିକେଟ କପ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ଓସିଏ ଉପସଭାପତି ସରୋଜ ସାହୁଙ୍କ ସଭାପତିତ୍ୱରେ ଉଦ୍‌ଘାଟନ ଦିବସରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ମଧୁସୂଧନ ଦାଶ, ସମ୍ମାନିତ ଅତିଥି ଭାବେ ନୂଆପଡ଼ା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଜିଲ୍ଲା ପରିଷଦ ସିଡିଓ ଲମ୍ବୋଦର ଧରୁଆ, ଜିଲ୍ଲାକ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଡ଼େଇ, ସରକାରୀ ପବ୍ଲିକ ପ୍ରସିକ୍ୟୁଟର ବେଣୁଧର ସାହୁ ଓ ନୂଆପଡ଼ା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଗ୍ରୁପ୍ (ଏ) ପ୍ରଥମ ମ୍ୟାଚ ୱାଇଏମସି ନୂଆପଡ଼ା ବନାମ ବ୍ଲୁ-ଡାଇମଣ୍ଡ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲୁ ଡାଇମଣ୍ଡ ବରଗଡ଼ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୦ ଓଭରରେ ସମସ୍ତ ୱିକେଟ ହରାଇ ୧୭୬ରନ ସଂଗ୍ରହ କରିଥିଲା। ବ୍ଲୁ-ଡାଇମଣ୍ଡ ବରଗଡ଼ ଦଳ ପକ୍ଷରୁ ହିମାଂଶୁ ବିଶ୍ ୫୩ ବଲ୍‌ରେ ୫୧ ରନ କରିଥିଲେ। ଅନୁଜ ଲେଣ୍ଡ ୧୨ ବଲରେ ୨୨ ରନ ସଂଗ୍ରହ କରିଥିଲେ। ୱାଇଏମସି ନୂଆପଡ଼ା ଦଳ ପକ୍ଷରୁ ବିପୁଲ ପାଣିଗ୍ରାହୀ ଓ ମାଇକେଲ ସୁଭିର ୩ଟି ଓ ପ୍ରତୀକ ପଟ୍ଟନାୟକ ୨ଟି ଓ ଆୟୁଷ୍ମାନ ଗୁପ୍ତା ଗୋଟିଏ ୱିକେଟ ସଂଗ୍ରହ କରିଥିଲେ। ୧୭୮ ରନର ବିଜୟ ଲକ୍ଷନେଇ ୱାଇଏମ୍‌ସି ନୂଆପଡ଼ା ଦଳ ପଡ଼ିଆକୁ ଓହ୍ଲାଇଥିଲେ। ୨୭ ଓଭର ୩ ବଲରେ ୩ ୱିକେଟ ହରାଇ ୧୭୭ ରନ ସଂଗ୍ରହ କରି ମ୍ୟାଚ୍‌ରେ ବିଜୟ ହାସଲ କରିଥିଲେ। ୱାଇଏମସି ନୂଆପଡ଼ା ଦଳର ପ୍ରତୀକ ପଟ୍ଟନାୟକ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ନୂଆପଡ଼ା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଡ଼େଇ ନଗଦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ନାରାୟଣ ମେହେର ଓ ଚୂଡ଼ାମଣି ପାଢ଼ୀ ଦାୟିତ୍ୱ ନିର୍ବାହ କରିଥିଲେ। ସିମାଞ୍ଚଳ ମାହାପାତ୍ର, ଜୟକୃଷ୍ଣ ସୁନାନୀ ଓ ପୁନିତ ସହିସ ଧାରାବିବରଣୀ ପ୍ରଦାନ କରିଥିଲେ। ସେହିପରି ସ୍କୋରର ଭାବେ ଶୈବଲେଶ ଶତପଥୀ ଦାୟିତ୍ୱ ତୁଲାଇ ଥିଲେ। ମଙ୍ଗଳବାର ଫରେଷ୍ଟ ଭିଲାଇ ବାନାମ ରାଇଜିଂ ଷ୍ଟାର କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ଜାମପାଣି ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ସଭା

**ନୂଆପଡ଼ା, ୬।୧(ସମିସ):** ବ୍ଲକ ଅଧୀନ ଜାମପାଣି ପଞ୍ଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଓ ସରପଞ୍ଚ ହୀରା ସିଂ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡା. ଆଲୋକ ନାୟକ, ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ସୀତାରାମ ମେହେର, କୃଷି ଅଧିକାରୀ ସତ୍ୟଭୂଷଣ ନାଗ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା, ଜଳ ବିଭାଜିକା ଅଧିକାରୀ ସ୍ୱର୍ଣ୍ଣପ୍ରଭା ସିଂ ପ୍ରମୁଖ ଯୋଗଦେଇଥିଲେ। ଉପନିର୍ଦ୍ଦେଶକ ହସ୍ତଶିଳ୍ପ ପୁଷ୍ପରଞ୍ଜନ ସାହୁ କବିତା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ସଚେତନ କରିଥିଲେ। ସୂଚନାନୁଯାୟୀ, ଜିଲ୍ଲାରେ ସମସ୍ତ ଶ୍ରମିକଙ୍କୁ ବିଭିନ୍ନ ବିଭାଗରୁ କାମ ଯୋଗାଇଦେବା ପାଇଁ ଜିଲ୍ଲାପାଳ ପଞ୍ଚାୟତିରାଜ ତଥା ଲାଇନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଜିଲ୍ଲାରେ ଅନେକ ଶ୍ରମଭିତ୍ତିକ ପ୍ରକଳ୍ପ କାମ ଆଗେଇ ଚାଲିଛି। ମନରେଗାରେ ୯୦ ଦିନରୁ ଅଧିକ କାମ କରିଥିବାରୁ ସଭାରେ ଉମାବାଇ ମାଝୀ, କୈଳାଶ ବରିହା, ସୁରେଶ ସାହୁ, ସୀୟାରାଣୀ ଯାଦବ, ଲଳିତା ଯାଦବ ଓ ସୁନିଆ ବାଇ ସାହୁଙ୍କୁ ଜିଲ୍ଲାପାଳ ନିର୍ମାଣ ଶ୍ରମିକ କାର୍ଡ ପ୍ରଦାନ କରିଥିଲେ। ଏହି ଯୋଜନାରେ ୩୦୦ ଦିନ କାମ କରି ୧ ଲକ୍ଷ ୫ ହଜାର ୬ଶହ ଟଙ୍କା ଲେଖାଏଁ ପାଇଥିବା ବୁଧରାମ ମାଝୀ, ଜଳଧର ମାଝୀ ଏବଂ ସାଧୁ ମାଝୀଙ୍କୁ ସମ୍ମାନିତ କରିଥିଲେ। ଜିଲ୍ଲାପାଳ ଗ୍ରାମବାସୀଙ୍କୁ ଉଦ୍‌ବୋଧନରେ କହିଲେ ଯେ, ଜିଲ୍ଲାର ପ୍ରତି ଶ୍ରମିକ ପରିବାରଙ୍କୁ ୩୦୦ ଦିନର କାମ ସରକାର ଯୋଗାଇଦେବେ। ଏଥିରୁ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ମିଳିବ ଏବଂ ଏହି କାମରୁ ଗାଁ ପାଇଁ ବନ୍ଧଘାଟ, ପୋଖରୀ ରାସ୍ତା ଓ ଜଳ ବିଭାଜିକା ପ୍ରକଳ୍ପ ଇତ୍ୟାଦି ସମ୍ପଦ ମଧ ସୃଷ୍ଟି ହୋଇପାରିବ। ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ସମସ୍ତେ ପଣ କରନ୍ତୁ ବୋଲି ଜିଲ୍ଲାପାଳ କହିଥିଲେ।

## ବିଦ୍ୟୁତ୍ ସେବାରୁ ବଞ୍ଚିତ ୫ ପରିବାର

**ଶଗଡ଼ା, ୬ ।୧(ସମିସ):** ସରକାର ସମସ୍ତ ଗାଁକୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଅନେକ ଯୋଜନା ପ୍ରଣୟନ କରି ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ସାଧାରଣ ଲୋକେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ଭଳି ମୌଳିକ ସେବାରୁ ବଞ୍ଚିତ ଅଛନ୍ତି । ଗତ ୨ବର୍ଷ ହେଲା ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନାରେ ୨ବର୍ଷ ହେଲା ସାହିର ନାମ ଥିବା ସତ୍ତ୍ୱେ ବିଦ୍ୟୁତ ସେବା ମିଳିନି । ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତ ରେଘାମୁଣ୍ଡା ଗାଦିଗିଡେନ ପଡ଼ାରେ ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି । ଏହି ପଡ଼ାରେ ୫ ପରିବାରର ପାଖାପାଖି ୨୫ ଲୋକ ବସବାସ କରନ୍ତି । ପଡ଼ାରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇନି । ଏଥି ପାଇଁ ଆନେକ ଥର ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଲୋକେ ଜଣାଇ ଆସୁଥିଲେ ମଧ୍ୟ କେହି ସେମାନଙ୍କ କଥାକୁ କର୍ଣ୍ଣପାତ କରୁ ନ ଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି । ଆଜିକାଲି ଆଧୁନିକ ଯୁଗରେ ବିଦ୍ୟୁତ ମଣିଷର ଏକାନ୍ତ ଆବଶ୍ୟକ; ହେଲେ ବିଦ୍ୟୁତ ନ ଥିବାରୁ ପଡ଼ାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସେବା ନ ମିଳିବା କେଉଁଠି ନା କେଉଁଠି ବିଦ୍ୟୁତ ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ବିଦ୍ୟୁତ ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି । ପାଖରେ ଜଙ୍ଗଲ ଥିବାରୁ ରାତିରେ ଜୀବଜନ୍ତୁଙ୍କ ଆକ୍ରମଣର ଶିକାର ହେବାର ଆଶଙ୍କା ରହୁଛି । ଅନ୍ୟପଟେ ଅନ୍ଧାର ଯୋଗୁଁ ସାପ, ବିଛା ସହ ଚୋରିର ଆଶଙ୍କା ଦେଖା ଦେଇଛି । ଖୁବ ଶୀଘ୍ର ବିଦ୍ୟୁତ ସେବା ଯୋଗାଇ ନ ଦେଲେ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଘେରଉ କରିବା ପାଇଁ ପଡ଼ାର ଝସକେତନ ବାଘ, ବୈଦେଇ ବାଘ, ରତନ ମଲିକ, ସନ୍ତୋଷିନୀ ମଲିକ, ତପେଶ୍ୱର ବାଘ, ତୁଳସୀ ବାଘ, ଖୁସିରାଜ ରଣା, ଦିବାକର ରଣା, ସତ୍ୟ ବାଘ ପ୍ରମୁଖ ଦାବି କରିଛନ୍ତି ।

## ଅବାଧରେ ତମାଖୁ, ଗୁଟ୍‌ଖା ବିକ୍ରି

**ସୁବଲୟା, ୬।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳରେ ଅଧିକାଂଶ ପାନ ଓ ଚା ଦୋକାନରେ ତମାଖୁ, ସିଗାରେଟ୍ ଓ ଗୁଟଖା ଆଦି ନିଶାଦ୍ରବ୍ୟ ଖୁଲାମଖୁଲା ଭାବେ ବିକ୍ରି ହେଉଛି । ଏପରିକି ସ୍କୁଲ ଓ କଲେଜ ନିକଟରେ ଏହା ବିକ୍ରି ହେଉଛି ବୋଲି ଅଭିଯୋଗ ହେଉଛି । ନାବାଳକ ଠାରୁ ଆରମ୍ଭ କରି ବୟସ୍କ ଲୋକେ ଅନାୟାସରେ ଉକ୍ତ ଦୋକାନଗୁଡ଼ିକରୁ ତମାଖୁ, ଗୁଟଖା କିଣି ବ୍ୟବହାର କରୁଛନ୍ତି । ଖାଦ୍ୟ ନିରାପତ୍ତା ବିଭାଗ କର୍ମଚାରୀ ଏସବୁ ଦେଖୁଥିଲେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । କୋମଳମତି ନାବାଳକ ଓ ଜନସାଧାରଣ ଏହାକୁ ବ୍ୟବହାର କରି କ୍ୟାନ୍ସର ଓ ଫୁସଫୁସ ଜନିତ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି । ବୀରମହାରାଜପୁର ସଦର ସମେତ ବ୍ୟବସାୟ ପେଣ୍ଠସ୍ଥଳୀ ସୁବଲୟା, ଖଣ୍ଡହତା ଓ ମୂର୍ଷୁଣ୍ଡୀ ଆଦି ଅଞ୍ଚଳରେ ଏହା ବହୁଳ ଭାବରେ ବିକ୍ରି ହେଉଛି । ଖାଦ୍ୟ ନିରାପତ୍ତା ବିଭାଗ ତରଫରୁ ଚଢ଼ଉ ସହ ସଚେତନତାଧର୍ମୀ କାର୍ଯ୍ୟକ୍ରମ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ



**ବୀରମହାରାଜପୁର, ୬।୧(ସମିସ):** ବୀରମହାରାଜପୁର ମିନି ଷ୍ଟାଡିୟମରେ ଚାଲିଥିବା ଧନୁଯାତ୍ରା ଉପଲକ୍ଷେ ରବିବାର ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟିର ସଭାପତି କିଶୋର ହୋତାଙ୍କ ତତ୍ତ୍ୱାବଧାନରେ ସମାରୋହରେ ସପ୍ତଦ୍ୱୀପା ସାହିତ୍ୟ ସଂସଦର ସଭାପତି ଡ.ଦ୍ୱିତୀକୃଷ୍ଣ ପଣ୍ଡା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଶିକ୍ଷାବିତ କୃଷ୍ଣଚନ୍ଦ୍ର ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଗଠନର ପୂର୍ବତନ ସଭାପତି ଭଗବାନ ମିଶ୍ର ଓ ମୁଖ୍ୟବକ୍ତା ଭାବେ ଗବେଷକ ଡ.ଅନିରୁଦ୍ଧ କୁରୁକୁରିଆ ଯୋଗଦେଇ ସାରସ୍ୱତ ବାର୍ତ୍ତା ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପିକା ସନ୍ତୋଷିନୀ ନାୟକ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ । ମହୋତ୍ସବ କମିଟିର ସମ୍ପାଦକ ଅକ୍ଷୟ ସରାଫ୍‌ଙ୍କ ଦ୍ୱାରା ରଚିତ କୋଶଲି ଲକ୍ଷ୍ମୀ ପୁରାଣ ଉନ୍ମୋଚିତ ହୋଇଥିଲା ଯାହାର ପ୍ରକାଶିକା ହେଉଛନ୍ତି ହେମଲତା ନିଆଲ । କବିତା ଆସରକୁ କବି ଲକ୍ଷ୍ମୀ ନାରାୟଣ ସାହୁ ଓ ରଞ୍ଜିତା ପଣ୍ଡା ସଂଯୋଜନା କରିଥିଲେ । ଧର୍ମ ଶତପଥି, ବାବୁଲାଲ ମନ୍ତ୍ରୀ, ଭିକାରୀଚରଣ ସେଠୀ, ଶୁଭ୍ରାଂଶୁ ଶେଖର ପାଢ଼ୀ, ପ୍ରହଲ୍ଲାଦ ଗୁରୁ, ଆନନ୍ଦ ପଧାନ, ପ୍ରହଲ୍ଲାଦ ନାଏକ ଓ ବାସୁଦେବ ରଥ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଶେଷରେ ସନ୍ତୋଷିନୀ ସାମନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ ।

### ବୌଦ୍ଧର ପ୍ରାକୃତିକ ପରିବେଶ ମୋହରେ ବିଦେଶୀ ପକ୍ଷୀ

# କିମିଆଁ କରିଛି ପଦ୍ମତୋଳା ଅଭୟାରଣ୍ୟ





- ନୀଳ ଜଳରାଶି ସହ ପକ୍ଷୀଙ୍କ କଳରବରେ ବିମୋହିତ ପର୍ଯ୍ୟଟକ
- ବିଦେଶୀ ଅତିଥିଙ୍କ ସୁରକ୍ଷା ନେଇ ତତ୍ପର ବନ ବିଭାଗ
- ଉଚ୍ଚକ୍ଷମତାସମ୍ପନ୍ନ କ୍ୟାମେରାରେ ନଜର ରଖାଯାଇଛି
- ମହାନଦୀରେ ମାଛଧରା ଉପରେ କଡ଼ା କଟକଣା

**ହରଭଙ୍ଗା, ୬ ।୧ ସମିସ):** ପାହାଡ଼ର ଚତୁର୍ପାଶ୍ୱ ନୀଳ ଘନ ଜଳରାଶି । ଏହା ସହ ନିକାଞ୍ଚନ ଅଞ୍ଚଳ । ଏହା ସାଙ୍ଗକୁ ସୁଲୁସୁଲିଆ ଥଣ୍ଡା ପବନ । ଏଭଳି ପ୍ରାକୃତିକ ପରିବେଶରେ ଥିବା ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କୁସଙ୍ଗ ମହାନଦୀ ବନ୍ୟପ୍ରାଣୀ ଅଧୀନ ପଦ୍ମତୋଳା ଅଭୟାରଣ୍ୟ ଏବେ ବିଦେଶୀ ପକ୍ଷୀଙ୍କ ପାଇଁ ମୋହର କାରଣ ସାଜିଛି । ପଦ୍ମତୋଳା ଅଭୟାରଣ୍ୟ ଭିତରେ ଅନେକ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଛି । ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଶୀତ ଲହରି ଆସି ଯାଇଛି । ତେବେ ଏ ବର୍ଷ ଶୀତ ଲହରି ଡେରି ହୋଇଥିବାରୁ ପକ୍ଷୀଙ୍କ ପାଇଁ ଆଗମନ ବି ବିଳମ୍ବ ହୋଇଛି । ଧୀରେ ଧୀରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ସୁଅ ଛୁଟୁଛି । ପରିବେଶବିତଙ୍କ ମତରେ ବର୍ତ୍ତମାନ ବିଦେଶରେ ଅତ୍ୟଧିକ ଥଣ୍ଡା ପଡୁଛି । ଏଥି ଯୋଗୁଁ ବିଭିନ୍ନ ସ୍ଥାନରେ ତୁଷାର ପାତ ହେଉଛି । ଏଣୁ ପକ୍ଷୀଙ୍କ ପାଇଁ ଖାଦ୍ୟ ଶଙ୍କଟ ଦେଖା ଦେଉଛି । ଭାରତରେ ପ୍ରତ୍ୟକ ବର୍ଷ ନଭେମ୍ବର ଶେଷ ଏବଂ ଜାନୁୟାରୀ ପ୍ରଥମରୁ ଫେବୃୟାରୀ ପର୍ଯ୍ୟନ୍ତ ପାଗ ଅନୁକୂଳ ସହ ପକ୍ଷୀଙ୍କ ପାଇଁ ଉପଯୁକ୍ତ ସ୍ଥାନ ହୋଇଥିବାରୁ ଦେଶ ଓ ଦେଶ ବାହାର ପକ୍ଷୀଙ୍କ ଆଗମନ ହୋଇଥାଏ । ଏଠାରେ ପକ୍ଷୀଙ୍କ ପାଇଁ ପ୍ରଚୁର ଖାଦ୍ୟ ସାଙ୍ଗେ ସାଙ୍ଗେ ସୁରକ୍ଷିତ ସ୍ଥାନ ହୋଇଥିବା ହେତୁ ଗଡ୍‌ୱାଲ, ପନିଟେଲ, ସାଭାର, ରୁଡିସେଲଡ଼କ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ଆସୁଥିବା ରେଞ୍ଜ ଅଧିକାରୀ ସଂସାର ବର୍ଗିଆ ସୂଚନା ଦେଇଛନ୍ତି । ଅତିଥି ଭଳି ଆସି ୨ମାସରୁ ଅଢେଇ ମାସ ରହିଲା ପରେ ମାର୍ଚ୍ଚ ପ୍ରଥମ ବେଳକୁ ବିଦେଶୀ ପକ୍ଷୀଙ୍କ ପୁଣି ପ୍ରତ୍ୟାବର୍ତ୍ତନ ହୋଇଥାଏ । ଅଭ୍ୟାରଣ୍ୟର ମହାନଦୀ ବିଦେଶୀ ପକ୍ଷୀଙ୍କ କଳରବରେ ମୁଖରିତ ହେବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ତେବେ ବିଦେଶୀ ଅତିଥିଙ୍କ ସୁରକ୍ଷା ନେଇ ରେଞ୍ଜ ପକ୍ଷରୁ ଧ୍ୟାନ ଦିଆଯାଇଛି । ଅତ୍ୟାଧୁନିକ କ୍ୟାମେରାରେ ନଜର ରଖାଯାଇଛି । ନଦୀ ଗର୍ଭରେ ମାଛ ଧରିବା ଉପରେ କଟକଣା ଲଗାଯାଇଛି ।

**ଏମାନେ ଯାହା କହନ୍ତି...**



ଚଳିତ ବର୍ଷ ବିଦେଶୀ ପକ୍ଷୀଙ୍କ ଆଗମନ ବିଳମ୍ବ ହୋଇଛି । ବର୍ତ୍ତମାନ ବିଭିନ୍ନ ପ୍ରଜାତିର ଭାରତୀୟ ବିଦେଶୀ ଅତିଥି ପକ୍ଷୀଙ୍କ ଧୀରେ ଧୀରେ ଆଗମନ ହୋଇସାରିଛି । ସେମାନ ସୁରକ୍ଷା ପାଇଁ ସର୍ବଦା ଅତ୍ୟାଧୁନିକ କ୍ୟାମେରାରେ ନଜର ରଖାଯାଇଛି । ଏଥିଲାଗି ମହାନଦୀ କୂଳରେ ବିଭାଗ ପକ୍ଷରୁ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ।

**ସଂସାର ବର୍ଗିଡିଆ, କୁସଙ୍ଗ ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ**



ଆମେ ଏହି ଅଭ୍ୟାରଣ୍ୟ ଭିତରେ ବାସ କରୁ । ସବୁ ବର୍ଷ ପରି ଏବର୍ଷ ମଧ୍ୟ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇ ସାରିଛି । ସକାଳ ଏବଂ ସନ୍ଧ୍ୟା ହୋଇଗଲେ ପକ୍ଷୀଙ୍କ ସୁମଧୁର କଳରବ ପ୍ରକୃତିକୁ ଅଧିକ ଶୋଭା ମଣ୍ଡିତ କରିଥାଏ । ସେମାନେ ଆମର ଅତିଥି । ଆମର ଭାଗ୍ୟ ଯେ, ବିଦେଶୀ ଅତିଥିଙ୍କୁ ପାଖରେ ପାଉଛୁ । ଏଣୁ ସେମାନଙ୍କ ସୁରକ୍ଷା ପାଇଁ ଆମେ ମଧ୍ୟ ଲୋକଙ୍କୁ ସଚେତନତା କରୁଛୁ ।

**ସଦାନନ୍ଦ ନାୟକ, ସ୍ଥାନୀୟ ବାସିନ୍ଦା ତଥା ପରିବେଶବିତ**

## ଶିବତୁଲା ଜଳ ବିଶୋଧନାଗାର ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

**ତରଭା, ୬।୧(ସମିସ):** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସୋମବାର ତରଭା ବ୍ଲକ ଅଧୀନ ଶିବତୁଲାରେ ଥିବା ଜଳ ବିଶୋଧନାଗାର ପରିଦର୍ଶନ କରିଛନ୍ତି । ଆର୍‌ଡବ୍ଲ୍ୟୁ ଏସ୍‌ଏସ ତରଫରୁ ନନ୍ଦନମାଳରେ ଚାଲିଥିବା ମେଗା ଜଳ ଯୋଗାଣ ପ୍ରକଳ୍ପ ଉପରେ ସମୀକ୍ଷା କରିଥିଲେ । ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସୋନପୁର, ତରଭା ଓ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଳା ବ୍ଲକର ଜନସାଧାରଣ ବିଶୋଧିତ ପାନୀୟ ଜଳ ପାଇପାରିବେ । ବୈଠକରେ ଜିଲ୍ଲାପାଳ ଅନ୍ୟା ଦାସ, ଉପଜିଲ୍ଲାପାଳ ସୌମ୍ୟରୁପା ରଥ, ସୋନପୁର ଆରଡବ୍ଲ୍ୟୁଏସଏସ ଏସି ତପନ ପଧାନ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ, ତରଭା ବିଡିଓ ଗଙ୍ଗାରାମ ବୁଡେକ, ତହସିଲଦାର ତୁଳା ମୁଦୁଲି, ଆରଡବ୍ଲ୍ୟୁଏସଏସ ଭୁବନେଶ୍ୱର ମୁଖ୍ୟଯନ୍ତ୍ରୀ ରତ୍ନାକର ସିଆଲ, ବଲାଙ୍ଗିର ଅଧିକ୍ଷଣ ଯନ୍ତ୍ରୀ ଇନ୍ଦ୍ରଜିତ ସାହୁ, ଏସଡିଓ ରାଜେଶ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ସାହୁ, ତରଭା ଏଇ ଦୀପକ ମେହେର, ରବୀନ୍ଦ୍ର ସାହୁ ଓ ଏସ୍‌ଡିଓ ଏକ ମୂର୍ତ୍ତୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିବା ସହ ଦାବିପତ୍ର ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ସୁରେଶ ମହଲା, ରାଜକିଶୋର ମେଣ୍ଡଲି, ରାମନାରାୟଣ ବେଜ ଓ ପଙ୍କଜ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।



### ● ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ସମ୍ପର୍କିତ ଦାବିପତ୍ର ପ୍ରଦାନ

## ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ରାଶି ୧୦ ଲକ୍ଷ କରାଯାଉ



**ଶଗଡ଼ା, ୬ ।୧(ସମିସ):** ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା ସମ୍ପର୍କିତ ୩ଦଫା ଦାବିକୁ ନେଇ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଗସ୍ତରେ ଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ କଣ୍ଟାମାଳ ବ୍ଲକ ସାମ୍ବାଦିକ ସଂଘ (କବ୍ସା) ସଦସ୍ୟମାନେ ସାକ୍ଷାତ କରିଛନ୍ତି । ଖୁଣ୍ଟିଗୋରା ପଞ୍ଚାୟତ ମସିଣାଗୋରାରେ ଡୁମାଳ ସମାଜ ପକ୍ଷରୁ ଆୟୋଜିତ ଦ୍ୱିତୀୟ ମାଁ ମାହେଶ୍ୱରୀ ମହୋତ୍ସବ ମଞ୍ଚରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ରାଜ୍ୟରେ କାର୍ଯ୍ୟରତ ପ୍ରାୟ ୭୦୪୧ଜଣ କାର୍ଯ୍ୟରତ ସାମ୍ବାଦିକଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶି ୫ଲକ୍ଷ ଟଙ୍କାରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି, ପ୍ରତ୍ୟେକ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମାରେ ସେମାନଙ୍କ ଉପରେ ନିର୍ଭରଶୀଳ ବାପା ଓ ମାଆଙ୍କୁ ମଧ୍ୟ ସାମିଲ କରିବା ଏବଂ ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକଙ୍କ ଚିକିତ୍ସା ନିମନ୍ତେ ସମସ୍ତ ମେଡିକାଲ କଲେଜ ସହ ଏମ୍ସ (ଭୁବନେଶ୍ୱର)ରେ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରିବା ଆଦି ଅନ୍ତର୍ଭୁକ୍ତ ରହିଛି । ଏହି ଦାବିପତ୍ର ଦେବା ସମୟରେ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ବିଜେପି ଜିଲ୍ଲା ସଭାପତି ବିପ୍ର ଚରଣ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ବ୍ଲକ୍ କାର୍ଯ୍ୟାଳୟରେ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ




**ବୌଦ୍ଧ, ୬ ।୧(ସମିସ):** ମୁର୍ଶୁଣ୍ଡିସ୍ଥିତ ବୌଦ୍ଧ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସୁବ୍ରତ ପଣ୍ଡା ଓ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଶିବିରରେ ଉପସ୍ଥିତ ଥିଲେ । ଏହି ଶିବିରକୁ ବୌଦ୍ଧ ଏନଏସି ଓ ସଦର ବ୍ଲକର ୨୩ଟି ପଞ୍ଚାୟତର ଜନସାଧାରଣ ନିଜ ନିଜ ବ୍ୟକ୍ତିଗତ ଓ ଗୋଷ୍ଠୀ ଗତ ସମସ୍ୟା ନେଇ ଆସିଥିଲେ । ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସହଯୋଗ କରିଛନ୍ତି । ଏହି ଶିବିରରେ ସମୁଦାୟ ୩୮ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥି ମଧ୍ୟରୁ ୩୭ଟି ବ୍ୟକ୍ତିଗତ ଏବଂ ଗୋଟିଏ ସାମୂହିକ ଅଭିଯୋଗ ରହିଥିଲା । ତତ୍କାଳ ୨୬ ଟି ଅଭିଯୋଗର ସମାଧାନ କରାଯାଇଥିଲା । ୩ ଜଣଙ୍କୁ ବ୍ୟାଟେରୀ ଚଳିତ ଟ୍ରାଇ ସାଇକଲ, ଜଣକୁ ଆଶା ବାଡ଼ି, ୫ ଜଣଙ୍କୁ କମ୍ବଳ ଏବଂ ଜଣକୁ ରେଡ଼କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର ଓ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ପଣ୍ଡା ଶିବିର ସଂଯୋଜନା କରିଥିଲେ । ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ୨୧ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

# ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

**ବୌଦ୍ଧ, ୬ ।୧(ସମିସ):**




ଆଜି ବୌଦ୍ଧ ଜିଲ୍ଲାର କଣ୍ଟାମାଳ ଏବଂ ବୌଦ୍ଧ ନିର୍ବାଚନମଣ୍ଡଳୀର ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଛି । ବୌଦ୍ଧ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୁବ୍ରତ ପଣ୍ଡାଙ୍କ ଦ୍ୱାରା ଜିଲ୍ଲାର ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତରେ ଏହି ତାଲିକା ପ୍ରକାଶ କରାଯାଇଛି । ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ପୂର୍ବରୁ ଭୋଟରମାନଙ୍କ ସୁବିଧା ନିମନ୍ତେ ଭୋଟର ହେଲ୍ପଲାଇନ ଆପ୍ ପ୍ରଚଳିତ କରାଯାଇଥିଲା । ଏହି ଆପ୍ ଦ୍ୱାରା ସାଧାରଣ ଜନତା ଭୋଟର ତାଲିକାରେ ନିଜ ନାମ ଯାଞ୍ଚ, ସଂଶୋଧନ, ସ୍ଥାନାନ୍ତର ଅଥବା ନୂତନ ଭୋଟର ଭାବରେ ଆବେଦନ କରିପାରିବା କିମ୍ବା ନିଜର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ନିଜ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରି ପାରିବା ବ୍ୟବସ୍ଥା ରହିଥିଲା । ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ୮୪୮୫୭ ଜଣ ମହିଳା, ୮୭୧୭୪ ଜଣ ପୁରୁଷ ଏବଂ ତୃତୀୟ ଲିଙ୍ଗୀ ୧ ଜଣ ଏହିଭଳି ମୋଟ ୧୭୨୦୩୨ ଜଣ ଭୋଟର ଅଛନ୍ତି । ସେହିପରି ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୮୩୧୩୮ ଜଣ ମହିଳା, ୮୫୮୪୭ ଜଣ ପୁରୁଷ, ତୃତୀୟ ଲିଙ୍ଗୀ ୯ ଜଣ ଏହିପରି ମୋଟ ୧୬୮୯୯୪ ଭୋଟର ଅଛନ୍ତି । ଚୂଡାନ୍ତ ଭୋଟର ତାଲିକାରେ ଜିଲ୍ଲାରେ ସମୁଦାୟ ୩୪୧୦୨୬ ଭୋଟର ଥିବା ବେଳେ ସମୁଦାୟ ଭୋଟର ମଧ୍ୟରୁ ୫୦.୭୪ ପ୍ରତିଶତ ପୁରୁଷ ଭୋଟର ଏବଂ ୪୯.୨୬ ପ୍ରତିଶତ ମହିଳା ଭୋଟର ଅଛନ୍ତି । ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ତରଫରୁ ଶୀତାଂଶୁ ଶେଖର ମାହାକୁଡ, ଭାରତୀୟ ଜନତା ପାର୍ଟି ତରଫରୁ ଜିଲ୍ଲା ସଭାପତି ବିପ୍ରଚରଣ ମହାନ୍ତି, ଭାରତୀୟ ଜାତୀୟ କଂଗ୍ରେସ ପାର୍ଟି ତରଫରୁ ସମରେଶ ମିଶ୍ର ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଡେପୁଟି କଲେକ୍ଟର (ନିର୍ବାଚନ) ତୃପ୍ତିମୟୀ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂ ଉପସ୍ଥିତ ଥିଲେ ।

### ଖୋର୍ଦ୍ଧା-ବଲାଙ୍ଗିର ରେଳପଥ

## ତରଭାରେ ରୋଡ୍‌ଷ୍ଟେସନ ନିର୍ମାଣ ପାଇଁ ଦାବି

**ତରଭା, ୬।୧(ସମିସ):** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସୋମବାର ଶିବତୁଲା ଜଳ ବିଶୋଧନାଗାର ପରିଦର୍ଶନ କରିବା ଅବସରରେ ବ୍ଲକ ସାମ୍ବାଦିକ ସଂଘର ସଭ୍ୟମାନେ ତାଙ୍କୁ ସାକ୍ଷାତ କରି ତରଭାରେ ଏକ ରୋଡ୍‌ଷ୍ଟେସନ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଦେଇଯାଇଛି, ହେଲେ ତରଭାରେ ରେଳଷ୍ଟେସନ ନକରି ୫ କିମି ଦୂର ଏହି ବ୍ଲକ ଅଧୀନ ଝାରତରଭାରେ ଷ୍ଟେସନ ନିର୍ମାଣ କରାଯାଇଛି । ସେଠାରେ ଷ୍ଟେସନ ନିର୍ମାଣକୁ ନେଇ କୌଣସି ବିରୋଧ ନାହିଁ । ହେଲେ ରେଳ ମାନଚିତ୍ରରେ ତରଭାର ନାମ ନରହିବା ଲୋକଙ୍କୁ ସ୍ୱୀକାର ହେଉନାହିଁ । ଏହାବ୍ୟତୀତ ଝାରତରଭା ଷ୍ଟେସନ ତରଭା ବ୍ଲକର ଉତ୍ତର-ପୂର୍ବ ସୀମା ଦେଇ ଯାଇଥିବାରୁ ତରଭା ସହର ସମେତ ବ୍ଲକର ବାଲିଖମାର, ଚାରଭଟ୍ଟା, କୁମ୍ଭାରମୁଣ୍ଡା, କମସରା, ଦୁବୁଲା, ତୁଲୁଣ୍ଡା, ସରଗଜ, ବଘିଆ, ସିଂହାରି, ଶିବତୁଲା, ପୁଆ, ଦେଉଳପଦର, ମେଣ୍ଡା, ସୋନପୁର ବ୍ଲକ ଖାରି, ବଲାଡି, ନାରାୟଣପୁର ଓ ବଲାଙ୍ଗିର ଜିଲ୍ଲା ବୈରାସରର ଜନସାଧାରଣ ବିଶେଷ ଉପକୃତ ହେବେନାହିଁ, ହେଲେ ତରଭାରେ ରୋଡ୍‌ଷ୍ଟେସନ ନିର୍ମାଣ କରାଗଲେ ଏହି ସମସ୍ତ ପଞ୍ଚାୟତର ଜନସାଧାରଣ ଉପକୃତ ହୋଇପାରିବେ । ଦାବିପତ୍ର ପ୍ରଦାନ ସମୟରେ ତରଭା ବ୍ଲକ ସାମ୍ବାଦିକ ସଂଘ ସଭାପତି ଅଶୋକ ସାହୁ, ଉପସଭାପତି ରାଜକୁମାର ମାହାଣା, ସାମ୍ବାଦିକ କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ ଓ ସୁକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ତରଭା ଜନସାଧାରଣଙ୍କ ତରଫରୁ ସୁରେଶ ସା ଅନ୍ୟଏକ ଦାବିପତ୍ର ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ଏହି ଦାବିପତ୍ରରେ ତରଭାରେ ରୋଡ୍‌ଷ୍ଟେସନ ନିର୍ମାଣ ସହ ତରଭା ବସ୍‌ଷ୍ଟାଣ୍ଡକୁ ଶୀଘ୍ର ଉଦ୍‌ଘାଟନ କରିବାକୁ ଦାବି କରାଯାଇଛି ।



### ଶ୍ରମିକଙ୍କ ଦାବିକୁ ଅଣଦେଖା ଅଭିଯୋଗ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ




**ସୁନ୍ଦରଗଡ଼, ୬ ।୧(ସମିସ)**

ତିନି ଦଫା ଦାବିରେ କିରେଇ ସୂତାକଳ ମଜଦୁର ସଂଘ ଆନ୍ଦୋଳକୁ ଓହ୍ଲାଇଛି। ସଂଘର ନିଷ୍ପତ୍ତି ଅନୁଯାୟୀ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କିରେଇ ସୂତା କଳ ଦେବାଳିଆ ଘୋଷିତ ହେବା ପରେ ଶ୍ରୀହରି ସ୍ପିନର୍ସ ଏହାର ପରିଚାଳନା ଦାୟିତ୍ୱ ହାତକୁ ନେଇଛି। ନୂଆ ମାଲିକ କାରଖାନା ନେବା ସମୟରେ କାରଖାନା ଚାଲିବା ପାଇଁ ମଜଦୁର ସଂଘ ପୂର୍ଣ୍ଣ ସହଯୋଗ କରିଥିଲା। ୨୦୨୩ ମସିହାରେ ନୂତନ ମାଲିକଙ୍କୁ କାରଖାନା ହସ୍ତାନ୍ତର ହୋଇଥିବାବେଳେ ଏହି ବର୍ଷ ସେପ୍ଟେମ୍ବର ୨୪ ତାରିଖରୁ ଶ୍ରମିକ ନିଯୁକ୍ତି ଆରମ୍ଭ ହୋଇଥିଲା। ହେଲେ ନୂତନ ମାଲିକ ଶ୍ରମିକମାନଙ୍କୁ ୧୨ ଘଣ୍ଟା କାର୍ଯ୍ୟ କରାଇବା ଏବଂ ସର୍ବନିମ୍ନ ମଜୁରି ଆଇନକୁ ଖିଲାପ କରି ଶ୍ରମିକଙ୍କ ଦାବିକୁ ଅଣଦେଖା କରିଥିଲା। ଏହି ଘଟଣାକୁ ନେଇ ମଜଦୁର ସଂଘ ବହୁବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲା। ଏହା ପରେ ପ୍ରଶାସନ ପକ୍ଷରୁ ଗତ ବର୍ଷ ଅକ୍ଟୋବର ୨୪ ତାରିଖରେ ଉପ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ତ୍ରିପାକ୍ଷିକ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ କାରଖାନା ପରିଚାଳନା କର୍ତ୍ତୃପକ୍ଷଙ୍କୁ ଶ୍ରମିକଙ୍କୁ ୮ ଘଣ୍ଟା କାମ କରାଇବା ତଥା ୧୨ ଘଣ୍ଟା କାମ କଲେ ଓଭର ଟାଇମ୍ ପାଉଣା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କାରଖାନା କର୍ତ୍ତୃପକ୍ଷ ରାଜି ହୋଇଥିଲେ। ତେବେ ଇତିମଧ୍ୟରେ ୨ ମାସ ବିତି ଯାଇଥିଲେ ହେଁ ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉନାହିଁ। ୧୨ ଘଣ୍ଟା କାମ ନ କଲେ କାର୍ଯ୍ୟରୁ ବାହାର କରିବାକୁ ଧମକ ଦିଆଯାଉଛି। ଏହାର ବିରୋଧ କରି ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ସଂଘର ନିଷ୍ପତ୍ତି ଅନୁଯାୟୀ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେହିପରି ଆସନ୍ତା ୨୩ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଶ୍ରମିକମାନେ ଧାରଣା ଦେବା ତଥା ୨୫ ତାରିଖରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇଛି।

# ଜିଲ୍ଲା ମହୋତ୍ସବ 'ଯତରା' ଉଦ୍‌ଯାପିତ



**ସୁନ୍ଦରଗଡ଼, ୬।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ 'ଯତରା' - ୨୦୨୫ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କି ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସୁନ୍ଦରଗଡ଼ର ଅନ୍ତର୍ଜାତୀୟ ହକି ତାରକା ଅମିତ ରୋହିଦାସ ଏବଂ ବୀରେନ୍ଦ୍ର ଲାକ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ସ୍ତରୀୟ ଯତରା ସମାରୋହର ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ସଦର ବ୍ଲକ, ସବଡେଗା ବ୍ଲକ ଏବଂ ଟାଙ୍ଗରପାଲି ବ୍ଲକ ର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଖ୍ୟାତ କଣ୍ଠଶିଳ୍ପୀ ଉମାକାନ୍ତ ବାରିକଙ୍କ ଦ୍ୱାରା ତାରକା ରାତ୍ରି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଯତରାର ସ୍ମରଣିକା ଉନ୍ମୋଚିତ ହୋଇଥିଲା।

## ଦୁର୍ଘଟଣାରେ ଯୁବକ ମୃତ

**ସୁନ୍ଦରଗଡ଼, ୬।୧(ସମିସ):** ହେମଗିରି ଥାନା ବୁଏଡଦରହ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। କାଠଫାଳି ଗ୍ରାମର କୁଞ୍ଜରାମ ଜୟପୁରିଆ ଏନ୍‌ଟିପିସି ଡୁଲିଙ୍ଗାରେ କାମ କରୁଥିଲେ। ରବିବାର ସେ ଡ୍ୟୁଟି କରିବାକୁ ଆସି ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜିବାକୁ ଆସି ଭୋର ପ୍ରାୟ ୪ଟା ସମୟରେ ବୁଏଡଦରହ ନିକଟରେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଠାବ କରିଥିଲେ। ଏଠାରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ପୁଲିସ ସୋମବାର ଡାକ୍ତରଖାନାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଓଲଟିଲା ଡଷ୍ଟ ବୋଝେଇ ଡମ୍ପର



**ବାଲିଶଙ୍କରା, ୬।୧(ସମିସ):** ବାଲିଶଙ୍କରା ବ୍ଲକ ଶାଗବାହାଲ ପଞ୍ଚାୟତ ଶାଗବାହାଲ ଲମଟି ଘାଟି ପୋଲ ଉପରେ ଡଷ୍ଟ ବୋଝେଇ ଡମ୍ପର ଭାରସାମ୍ୟ ହରାଇ ଓଲଟିଯାଇଛି। ସୁନ୍ଦରଗଡ଼ରୁ ଶାଗବାହାଲ ପଟକୁ ଆସୁଥିବା ଏହି ଡଷ୍ଟ ବୋଝେଇ ଡମ୍ପର (ଓଡି ୨୩ ଏନ ୯୭୪୦) ଓଲଟି ପଡ଼ିଥିବାବେଳେ ଚାଳକ ଓ ହେଲପର୍ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୁର୍ଘଟଣା ଯୋଗୁଁ ପୋଲ ଉପରେ ରାସ୍ତା ଜାମ ହୋଇଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

## ରାସ୍ତା କଡ଼ରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ସୁନ୍ଦରଗଡ଼, ୬ ।୧(ସମିସ):** ଭଷ୍ମା ଥାନା ଅନ୍ତର୍ଗତ ମସ୍ନିକାନୀ ରାସ୍ତା କଡରୁ ସୋମବାର ଅପରାହ୍ନରେ ପୁଲିସ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତ ଦେହ ଉଦ୍ଧାର କରିଛି। ତାଙ୍କ ଆନୁମାନିକ ବୟସ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ହେବ। ସେ ଏକ ସିମେଣ୍ଟ ରଙ୍ଗର ପ୍ୟାଂଟ ଓ ଫିକା ନାଲି ରଙ୍ଗରଟି ସାର୍ଟ ପିନ୍ଧି ଥିବା ବେଳେ ତାଙ୍କ କାନ୍ଧ ତଳେ ମାଟିରେ ଏକ ଗାମୁଛା ପଡ଼ିଛି। ସାମାନ୍ୟ ପାଚିଲା ଦାଢି ରହିଛି। ସମ୍ପୂର୍ଣ୍ଣ ଶରୀର କଳା ପଡ଼ି ଯାଇଛି। ଦେହରେ କୌଣସି କ୍ଷତ ଚିହ୍ନ ନାହିଁ। ଖବର ପାଇ ଆଇଆଇସି ଅଶୋକ କୁମାର ଦାଶ ସଦଳବଳ ଘଟଣାସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ ପରେ ମୃତ ଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମର୍ଗ ହାଉସରେ ସଂରକ୍ଷିତ ରଖାଇଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ତଦନ୍ତ ଜାରି ରହିଛି।

## ୧୩୩ରୁ ୫୬ ଅଭିଯୋଗର ସମାଧାନ କଲେ ଜିଲ୍ଲାପାଳ

**ସୁନ୍ଦରଗଡ଼, ୬।୧(ସମିସ):** ସୁନ୍ଦରଗଡ଼ ସଦର ମହକୁମା ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୧୩୬ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୧୧୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୩ଟି ସାମୁହିକ ଅଭିଯୋଗ ରହିଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୬ଟି ଏବଂ ରେଡକ୍ରସ୍‌ରୁ ଆର୍‌ଠିଥକ ସହାୟତା ନିମନ୍ତେ ୩ଟି ଆବେଦନ ରହିଥିବାବେଳେ ଏହି ସବୁ ଅଭିଯୋଗଗୁଡ଼ିକ ମଧ୍ୟରୁ ୫୬ଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

### ଜାତୀୟସ୍ତରୀୟ ପଲିଶ୍ରୀ ମେଳା

# ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଷ୍ଟଲ୍‌ରେ ଭିଡ଼



**ସୁନ୍ଦରଗଡ଼, ୬।୧( ସମିସ):** ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଏବଂ ଓରମାସ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଯତରା ପଡ଼ିଆରେ ଆୟୋଜିତ ଜାତୀୟସ୍ତରୀୟ ପଲିଶ୍ରୀ ମେଳାରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ସୁନ୍ଦରଗଡ଼ ବନଖଣ୍ଡ ଦ୍ୱାରା ପ୍ରଦର୍ଶିତ ଷ୍ଟଲ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜି ଥିଲା। ଏହି ଷ୍ଟଲରେ ବନ ସୁରକ୍ଷା ସମିତି ଓ ବନ ବିଭାଗର ମିଳିତ ଉଦ୍ୟମରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା, ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ, ଜୀବନ ଜୀବିକାରେ ଉନ୍ନତି ନିମନ୍ତେ ବିଭିନ୍ନ ରୋଜଗାର ଭିତିକ କାର୍ଯ୍ୟକ୍ରମକୁ ଭିତ୍ତିକରି ଏକ ସୁଦୃଶ୍ୟ ମଡେଲ ପ୍ରଦର୍ଶନ କରାଯାଇଥିଲା। ଏତଦ୍‌ବ୍ୟତୀତ ସୁନ୍ଦରଗଡ଼ ବନଖଣ୍ଡର ପାଞ୍ଚଗୋଟି ବନାଞ୍ଚଳର ବନ ସୁରକ୍ଷା ସମିତିସ୍ତରରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ, ସମ ଆଗ୍ରହୀ ଗୋଷ୍ଠୀ ଏବଂ ଅତି ଗରିବ ପରିବାର ଦ୍ୱାରା ମହୁଲ, ସଜନା ପତ୍ର ଏବଂ ମାଣ୍ଡିଆକୁ ନେଇ ପ୍ରସ୍ତୁତ ବିଭିନ୍ନ ପୁଷ୍ଟିଯୁକ୍ତ ଖାଦ୍ୟ ସାମଗ୍ରୀ ସୁଲଭ ମୂଲ୍ୟରେ ବିକ୍ରୟ କରାଯାଇଥିଲା। ଏଥିରେ ମହୁଲ ଲଡୁ, ବିସ୍କୁଟ, କେକ୍, ସଜନା ପତ୍ର ଲଡୁ, ଚା', ମାଣ୍ଡିଆ ଲଡୁ, ରୋଜ୍ କେକ୍, ମିକ୍ସର, ମାଣ୍ଡିଆ ଚୁନା, ଢିଙ୍କିକୁଟା ଚାଉଳ ଆଦି ରହିଥିଲା। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବି ନାଏକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ, ରାଜଗାଙ୍ଗପୁର ବିଧାୟକ ଡା. ସି.ଏସ୍ ରାଜନ ଏକ୍କା, ରାଉରକେଲା ଡିଆଇଜି ବ୍ରିଜେଶ ରାୟ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ଷ୍ଟଲ ପରିଦର୍ଶନ କରିବା ସହ ସମସ୍ତ ଖାଦ୍ୟ ସାମଗ୍ରୀକୁ ଚାଖି ଏହାକୁ ପ୍ରସ୍ତୁତ କରିଥିବା ସଦସ୍ୟାଙ୍କ ପ୍ରଶଂସା କରିଥିଲେ। ଏହି ଖାଦ୍ୟ ପଦାର୍ଥକୁ ଆଗାମୀ ଦିନରେ ବିପୁଳ ପରିମାଣରେ ପ୍ରସ୍ତୁତକରି ବିକ୍ରି କରିବା ପାଇଁ ପରାମର୍ଶ ଦେଇଥିଲେ। ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ବନଜାତ ସାମଗ୍ରୀକୁ ନେଇ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀର ଉପହାର ନିମନ୍ତ୍ରିତ ଅତିଥିମାନଙ୍କୁ ପ୍ରଦାନ କରିଥିଲେ। ଏହି ୫ ଦିନରେ ୪ ଲକ୍ଷ ୭୦ ହଜାର ଟଙ୍କାର ସାମଗ୍ରୀ ବିକ୍ରି ହୋଇଥିଲା। ବନଖଣ୍ଡ ଅଧିକାରୀ ଏବଂ ବନ ବିଭାଗର ଏହି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଥିଲେ।

# ବ୍ଲକ୍‌ସ୍ତରୀୟ ପ୍ରବାସୀ ଭାରତୀୟ ଦିବସ



**କୁତ୍ରା, ୬।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କଟଙ୍ଗଠାରେ ଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ ସାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମରେଶ ସାହୁ, ସିଆର୍‌ସିସି ତପନ ସେଠୀ, ରାଜେଶ ବେହେରା, ସୁଦୀପ୍ତ ରଞ୍ଜନ ବେହେରା, ବୈଦ୍ୟନାଥ ଜୟପୁରୀଆ ପ୍ରମୁଖ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନୀ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ ଲାକ୍ରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଜାମୁଦା, ତରକେରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ପ୍ରଧାନ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ ବିଭାଗରେ ପ୍ରବନ୍ଧ ଲିଖନ ଓ ପୋଷ୍ଟର ପ୍ରେଜେଣ୍ଟେସନ, ବରିଷ୍ଠ ବିଭାଗରେ ପ୍ରବନ୍ଧ ଲିଖନ ଓ ପୋଷ୍ଟର ପ୍ରେଜେଣ୍ଟେସନ, ସେହିପରି ସୁପର ସିନିଅର ଗ୍ରୁପ୍‌ର କୁଇଜ୍, ପୋଷ୍ଟର ପ୍ରେଜେଣ୍ଟେସନ ଓ ସାଇକଲ ରେସ୍ ଆଦି ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ପ୍ରିୟଦର୍ଶିନୀ ପାଢ଼ୀ, ବିରଜୀ ପ୍ରଧାନ, ନିରଞ୍ଜନ ପୃଷ୍ଟି, ରାଧାନାଥ ବିଶ୍ରି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଭିକାରୀ ଦାସ, ପ୍ୟାରେଲାଲ ସାହୁ, ଆଲିଶା ଟପ୍ପୋ, ଶଶି ଛୁରା, ଦିନା ଜୟପୁରିଆ, ବିଜୟ କେରକେଟା, ଉଦିତ ସିଂ, ରବି କୁମାର ଓ ସମସ୍ତ ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ। ଲାଞ୍ଜିବେର୍ଣ୍ଣା ସିଆର୍‌ସିସି ତପନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



**ବାଲିଶଙ୍କରା, ୬।୧(ସମିସ):** ବାଲିଶଙ୍କରା ବ୍ଲକ ବନଡେଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଲକ୍ଷ୍ମୀପ୍ରିୟା ଲାକଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜନଶୁଣାଣି ଶିବିରରେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ, ଜିପିଓ ପାସ୍କାଲ ଲାକଡ଼ା, ପିଏ ମୋନିକା ବହିଦାର, ଜିଆରଏସ ସତ୍ୟଜିତ ସୋରେଙ୍ଗ, ଟିସି ସୁଚିତ୍ରା ପଟେଲ ଓ ସମସ୍ତ ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣିରେ ୪୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ବିଶେଷ କରି ରାସ୍ତା, ଆବାସ ଘର, ରାସନ କାର୍ଡ ଭଳି ବିଭିନ୍ନ ସମସ୍ୟା ନେଇ ୪୭ଟି ଅଭିଯୋଗ କରିଥିଲେ ହିତାଧିକାରୀ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟରାମ ପଧାନଙ୍କ ତତ୍ତ୍ୱାବଧାନରେ ଏହି ଶୁଣାଣି ଶିବିର ହୋଇଥିବାବେଳେ ୱାର୍ଡ ସଭ୍ୟସଭ୍ୟାମାନେ ସହଯୋଗ କରିଥିଲେ।

## ମନରେଗାରେ ଅନିୟମିତତା ଅଭିଯୋଗ ଆଣିଲେ ସରପଞ୍ଚ

**ସୁନ୍ଦରଗଡ଼, ୬।୧(ସମିସ):** ଲେଫ୍ରିପଡ଼ା ବନାଞ୍ଚଳରେ ମନରେଗା ଯୋଜନାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଏପରି ଅନିୟମିତତା ନେଇ ଗିରିଙ୍ଗକେଲା ସରପଞ୍ଚ ନୀଳମଣି ମାଝୀ ସୁନ୍ଦରଗଡ଼ ଡିଏଫ୍‌ଓଙ୍କ ଠାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ବାଡୁନଝରିଆ ପରିବେଶ ପର୍ଯ୍ୟଟନସ୍ଥଳୀ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ଥାନୀୟ ବାଡୁନଝରିଆ ବନ ସୁରକ୍ଷା ସମିତିର ସଭାପତି ଦିଲ୍ଲୀପ ଭୋଇ ନିୟମିତ ପାରିଶ୍ରମିକ ଇକୋ ପାର୍କରୁ ନେଇଥାଆନ୍ତି। ତେବେ ବନବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ତେଲେନଡିହି ନର୍ସରୀରେ ସେ ଶ୍ରମିକ ଭାବେ କାର୍ଯ୍ୟ କରିଥିବା ମଷ୍ଟର ରୋଲରେ ଦର୍ଶାଯାଇଛି। ସେହିଭଳି ବନବିଭାଗ ଦ୍ୱାରା କାର୍ଯ୍ୟକାରୀ କର୍ଲାଘାଟି ରିଜର୍ଭ ଫରେଷ୍ଟରେ ଟ୍ରେଞ୍ଚ ଖୋଳା କାମରେ ମଧ୍ୟ ଦିଲ୍ଲୀପ ନିୟୋଜିତ ଥିବା ଦର୍ଶାଇ ହଜାର ହଜାର ଟଙ୍କା ତାଙ୍କ ଜମାଖାତାକୁ ପଠାଯାଇଛି। ଉଭୟ ପ୍ରକଳ୍ପରେ ସେ କାମ କରି ନ ଥିବା ଏବଂ ସେହି ଏକା ସମୟରେ ସେ ଇକୋ ପାର୍କରେ କାମରେ ନିୟୋଜିତ ରହି ମଜୁରି ଉଠାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବନ ବିଭାଗ ପକ୍ଷରୁ ଏଭଳି ସଂଖ୍ୟାଧିକ ପ୍ରକଳ୍ପରେ ଅନିୟମିତତା ଚାଲିଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ବାଡୁନଝରିଆ ଇକୋ ଟୁରିଜମ୍‌ରେ ପରିଚାଳନାଗତ ତ୍ରୁଟି ବୃଦ୍ଧି ପାଉଥିବାରୁ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ କ୍ରମଶଃ ହ୍ରାସପାଉଥିବା ଏବଂ ପରିଚାଳନା ଦାୟିତ୍ୱରେ ଥିବା ବନ ସୁରକ୍ଷା ସମିତି ଏଥିପାଇଁ ଦାୟୀ ବୋଲି ଅଭିଯୋଗ କରି ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ସରପଞ୍ଚ ଶ୍ରୀ ମାଝୀ ଦାବି କରିଛନ୍ତି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର

**ସୁନ୍ଦରଗଡ଼, ୬।୧(ସମିସ):** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ପ୍ରୋତ୍ସାହନରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେଇ ନିଜେ ନିଜର ସୁରକ୍ଷା କରି ପାରିବେ ବୋଲି ଲକ୍ଷ୍ୟ ରଖାଯାଇଛି।

### ଉଜ୍ଜଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଉଜ୍ଜଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ



ମନୋରଞ୍ଜନ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରଭାରୀ ଅଧ୍ୟାପିକା ଝରଣା ଆଚାର୍ଯ୍ୟ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ଭାବେ କରିସ୍ମା ସା ଯୋଗ ଦେଇ ବିଭିନ୍ନ କଳା କୌଶଳର ତାଲିମ ଦେଇଥିଲେ। ଏଥିରେ ପ୍ରଥମ ବର୍ଷ କଳା ଶ୍ରେଣୀର ୭୩ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି।

### ଯୋଗିମାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ଟାଙ୍ଗରପାଲି ବ୍ଲକର ଯୋଗିମାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ କିଶୋର କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ନିଜ ସୁରକ୍ଷା ପାଇଁ ଆତ୍ମସୁରକ୍ଷା ତାଲିମ ଶିବିରର ନିହାତି ଆବଶ୍ୟକତା ରହିଥିବା ଦର୍ଶାଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରତ୍ନାକର ବେହେରା, ସୁଜାତା ନାଏକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଶିବିରରେ ସାଗରିକା ନେଟି ଏବଂ ବିନି ମେହେର ତାଲିମଦାତ୍ରୀ ଭାବେ ଯାଗ ଦେଇଛନ୍ତି। ଉଭୟ ୯୫ ଜଣ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

### ଭେଡ଼ାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ସୁନ୍ଦରଗଡ଼ ସଦର ବ୍ଲକର ଭେଡାବାହାଲ କଳା ଓ ବିଜ୍ଞାନ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦଘାଟିତ ହୋଇଯାଇଛି। ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ନିର୍ଦ୍ଦେଶିତ ଏହି ୮ଦିନିଆ ପ୍ରଶିକ୍ଷଣ ଶିବିରକୁ ଅଧ୍ୟକ୍ଷ ବିଜୟ କୁମାର ସାହୁ



ଉଦ୍‌ଘାଟନ କରି ଛାତ୍ରୀମାନଙ୍କ ସୁରକ୍ଷା ଦିଗରେ ଏହି ପ୍ରଶିକ୍ଷଣ ଉପଯୋଗୀ ହେବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ବନିତା ସାହୁ ଆତ୍ମସୁରକ୍ଷା ଶିବିରର ଭୂମିକା ସମ୍ପର୍କରେ ବିଷଦ ବୁଝାଇଥିଲେ। ଶେଷରେ ଅଧ୍ୟାପିକା ରଞ୍ଜିତା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ।

### ଭେଷଜ ରମ୍ଭାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ସୁନ୍ଦରଗଡ଼ ସଦର ବ୍ଲକର କୁଣ୍ଡୁକେଲାସ୍ଥିତ ଭେଷଜ ରମ୍ଭାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଅଧ୍ୟକ୍ଷ ବସନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଲମ୍ବୋଦର ସରକାରୀ ଉଚ୍ଚ



ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାରିନା ସାମାରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଛାତ୍ରୀଙ୍କ ପାଇଁ ଆତ୍ମସୁରକ୍ଷା କିପରି ଅନିବାର୍ଯ୍ୟ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କଇଁସରା କ୍ଲଷ୍ଟର୍ ସିଆରସିସି ଚେତାନନ୍ଦ ପଟେଲ ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ସହ ଶାରୀରିକ ଓ ମାନସିକ ସ୍ତରରେ ଦୃଢ଼ ଓ ଉନ୍ନତ ହେବା ନେଇ ବୁଝାଇଥଲେ। ଅଧ୍ୟାପିକା ପ୍ରଣତି ବେହେରା, ଅଧ୍ୟାପକ ଜଳଧର ପାଣିଗ୍ରାହୀ, ଅଧ୍ୟାପିକା ପ୍ରତିଭା ତନ୍ତୀ, ଗ୍ରନ୍ଥାଗରିକା ମିନା ପଟେଲ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। ଶିବିରର ସଂଯୋଜିକା ଅଧ୍ୟାପିକା ରଶ୍ମିରେଖା ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ ଶିବ ନାରାୟଣ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପ୍ରଶିକ୍ଷିକା କରିସ୍ମା ସା ଓ ଲକ୍ଷ୍ମୀ ମହାକୁଲ୍ ତାଲିମ ପ୍ରଦାନ କରୁଛନ୍ତି।

### ଡାଲମିଆ ମହାବିଦ୍ୟାଳୟ



କୁତ୍ରା, ୬।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଅନ୍ତର୍ଗତ ଝାରବେଡ଼ାସ୍ଥିତ ଡାଲମିଆ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ-ପ୍ରଶିକ୍ଷଣ କମିଟି ଦ୍ୱାରା ଉଭୟ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକର ଯୁକ୍ତ ଦୁଇ ଛାତ୍ରୀମାନଙ୍କ ନିମନ୍ତେ ଆତ୍ମ-ପ୍ରତିରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ତାଲିମ ୮ଦିନ ଧରି ଚାଲିବ। ଶିବିରରେ ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷା ଲଳିତା ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ଆତ୍ମ-ସୁରକ୍ଷା ସମ୍ପର୍କରେ ଛାତ୍ରୀମାନଙ୍କୁ ସୂଚନା ଦେଇଥଲେ। ଆଇ-ପ୍ରତିରକ୍ଷା କମିଟିର ଉପଦେଷ୍ଟା ତଥା ଓଡ଼ିଆ ବିଭାଗର ମୁଖ୍ୟା ପଙ୍କଜିନୀ ପଟେଲ, ସହ-ଉପଦେଷ୍ଟା ଅନିତା କିସାନ, ଡେମୋନଷ୍ଟ୍ରେଟର ମହମ୍ମଦ ହମିଦ, ଅଧ୍ୟାପିକା ମମତା ମାଝୀ ତଥା ଆତ୍ମ-ପ୍ରତିରକ୍ଷା କମିଟିର ପୂର୍ବତନ ଉପଦେଷ୍ଟା ଡ. ତବସୁମ ବାନୋ ଯୋଗଦେଇ ଆତ୍ମ-ପ୍ରତିରକ୍ଷା ତାଲିମର ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଡାଲମିଆ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ପ୍ରଶିକ୍ଷିକା ଅସୀମା କୁଜୁର, ଅର୍ଚ୍ଚନା ଗଡ଼ତିଆ, ମମତା ନାଏକ ଓ ଅଶିପା ଡୁଙ୍ଗଡୁଙ୍ଗ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

### ବୀର ବିର୍ସା ମୁଣ୍ଡା ସୀମାନ୍ତ କଲେଜ



ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ଗଏରବାହାଲସ୍ଥିତ ବୀର ବିର୍ସା ମୁଣ୍ଡା ସୀମାନ୍ତ କଲେଜରେ ସୋମବାର ଛାତ୍ରୀଙ୍କ ପାଇଁ ଆଠଦିନିଆ ଆଠସୁରକ୍ଷା ଶିବିର ଶୁଭାରମ୍ଭ ହୋଇଛି। ଶିବିରକୁ କଲେଜର ଅଧ୍ୟକ୍ଷ ପ୍ରସନ୍ନ ଧଳ ଶୁଭାରମ୍ଭ କରିଥିଲେ। ପ୍ରଶିକ୍ଷିକା ଅସୀମା କୁଲୁ ପରିଚାଳନା କରିବା ସହିତ କଲେଜର ୪୮ ଜଣ ଛାତ୍ରୀଙ୍କୁ ଦୁଇଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଦେଉଛନ୍ତି। ପ୍ରଶିକ୍ଷଣ ପରେ ଛାତ୍ରୀମାନେ ନିଜକୁ ସୁରକ୍ଷିତ କରି ପାରିବେ ବୋଲି ମତ ଦେଇଥିଲେ। ଜିଲ୍ଲାର ଉପାନ୍ତ ଅଞ୍ଚଳରେ ରହିଥିବା ଏହି କଲେଜର ଏ ଭଳି ପ୍ରଶିକ୍ଷଣ ଶିବିରର ଆୟୋଜନକୁ ଅଭିଭାବକ ତଥା ସାଧାରଣ ଜନତା ପ୍ରଶଂସା କରିଥିଲେ।

